## ସଂକ୍ଷେପରେ

### ଜାତୀୟ ଭୋଟର ଦିବସ ପାଳିତ

**ପାରାଦୀପ,୨୫।୧(ସ୍ୱ.ପ୍ର.):** ପାରାଦୀପ କଲେଜ ପରିସରରେ ଶନିବାର ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ବିଏଲ୍‌ଓ(ବୁଥ୍ ଲେବୁଲ ଅଫିସର) କଲେଜ ଛାତ୍ରୀଛାତ୍ର ଓ ଜନାତଙ୍କୁ ନେଇ ଭୋଟର ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଅତିଥିଭାବେ ପୌରନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, କଲେଜ ଅଧକ୍ଷା ସୁପ୍ରେମା କାନୁନ୍‌ଗୋ, ଅଧାପକ ଅକ୍ଷୟ ମିଶ୍ର, ପୌରାଧକ୍ଷା ପ୍ରଭାତୀ ନାୟକ, କାଉନସିଲର ଶଙ୍କର ରାଉତ ପ୍ରମୁଖ ଯୋଗଦେଇ ଦିବସ ଉପରେ ଆଲୋଚନା କରିଥିଲେ। ବିଶେଷକରି ଛାତ୍ରୀଛାତ୍ରମାନେ ଭୋଟର ତାଲିକାରେ ନିଜକୁ ସାମିଲ କରି ରାଷ୍ଟ୍ରଗଠନରେ ଭାଗିଦାରୀ ହେବାକୁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ନାରାୟଣ ମାଝି ଓ ଅନ୍ୟମାନେ ସଞ୍ଚାଳନ କରିଥିଲେ।

### ସେବା ଶିବିର କାର୍ଯ୍ୟ ଦେଖିଲେ ରାଜ୍ୟ ସଂଯୋଜକ



**ବାଲିଆ,୨୫।୧:** ବିରିଡି ବ୍ଲକ ଅନ୍ତର୍ଗତ ଅଳକା କଲେଜ ପକ୍ଷରୁ ବାଲିଆରେ ଆରମ୍ଭ କରାଯାଇଥିବା ଜାତୀୟ ସେବା ଶିବିର କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ରାଜ୍ୟ ସଂଯୋଜକ ଡ. ଦୀପକ କୁମାର ବେହେରା ପହଞ୍ଚି ଅନୁଧ୍ୟାନ କରିଛନ୍ତି। କଲେଜ ଯୁକ୍ତ ୨ ଛାତ୍ରଙ୍କ ଦ୍ୱାରା ସମ୍ପାଦନ କରାଯାଉଥିବା ଏହି କାର୍ଯ୍ୟକୁ ସେ ପ୍ରଶଂସା କରିଛନ୍ତି। ଅଳକା କଲେଜ ଏହିଭଳି କାର୍ଯ୍ୟ କରୁଥିବାରୁ ରାଜ୍ୟ ଏବଂ ଜାତୀୟସ୍ତରରେ ସେମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି ବେହେରା କହିଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ଡ. ବିଶ୍ୱଜିତ ରାୟଙ୍କ ଅଧକ୍ଷତା ଏବଂ କଲେଜର ଜାତୀୟ ସେବା ଯୋଜନା ଅଧିକାରୀ ସୌମ୍ୟରଞ୍ଜନ ପଣ୍ଡାଙ୍କ ପରିଚାଳନାରେ ଛାତ୍ରମାନେ ବାଲିଆ ଗୋପୀନାଥପୁର ଉପ୍ରା ବିଦ୍ୟାଳୟ, ହୋମିଓପାଥି ଚିକିତ୍ସାଳୟ ପରିସର, ବଣଜଙ୍ଗଲଭରା ପ୍ରାଣୀଚିକିତ୍ସା କେନ୍ଦ୍ର ପରିସର ସମେତ ଇଷ୍ଟଦେବୀ ଥାନପତୀଙ୍କଠାରୁ ଭଗବତୀ ପୀଠ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ସଫେଇ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବିଭିନ୍ନ ବିଭାଗ ପକ୍ଷରୁ ଲୋକଙ୍କୁ ସହାୟତା

**ଜଗତ୍‌ସିଂହପୁର ଅଫିସ୍,୨୫।୧**

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଶନିବାର ରାଜ୍ୟ ଆଇନସେବା ପ୍ରାଧିକରଣ, ଜିଲା ଆଇନ ସେବା ପ୍ରାଧିକରଣ ଓ ଜିଲା ପ୍ରଶାସନ ମିଳିତ ସହଯୋଗରେ ମେଗା ଆଇନସେବା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ରାଜ୍ୟ ଆଇନ ସେବା ପ୍ରାଧିକରଣ କାର୍ଯ୍ୟକାରୀ ଅଧକ୍ଷ ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡା ଶୁଭାରମ୍ଭ କରିଥିଲେ। ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ ଦେବାଶିଷ ନାୟକ, ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଆନନ୍ଦ ଚରଣ ବେହେରା, ଜିଲାର ସମସ୍ତ ବିଚାରପତି, ରାଜ୍ୟ ଆଇନସେବା ପ୍ରାଧିକରଣର ଉପସଚିବ ଦୀପକ ରଞ୍ଜନ ମହାପାତ୍ର ଓ ଏସ୍‌ପି ଆର୍, ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୦୦ ଅଣସଙ୍ଗଠିତ, କୋଠାବାଡି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ଏକାଧିକଙ୍କୁ ପରିଚୟ ଦିଆଯାଇଥିଲା। ଦୁଇ ମୃତକଙ୍କ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶିର ଚେକ୍ ପ୍ରଦାନ କରାଯାଇଥିଲା।

ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ୪ ଛାତ୍ରୀଛାତ୍ରଙ୍କୁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ପ୍ରୋତ୍ସାହନ ରାଶି ବାବଦରେ ୮ ହଜାର ଟଙ୍କା ଲେଖାଏ ଦିଆଯାଇଥିଲା। ଏଥିସହ ସ୍ଥାନୀୟ ଶିଶୁ ଆଶ୍ରମ, ପାରାଦୀପର ଲୋକନାଥ ଶିକ୍ଷାଶ୍ରମକୁ ୧ଟି ଲେଖାଏ ଇନ୍‌ଭର୍ଟର, କମ୍ପ୍ୟୁଟର ଏବଂ ୱାଟର ପ୍ୟୁରିଫାୟର ପ୍ରଦାନ କରାଯାଇଥିଲା। ଜିଲା ଶିଳ୍ପ ବିଭାଗ ତରଫରୁ ୮ ଶିଳ୍ପ ସଂସ୍ଥାକୁ ସୁଧ ରିହାତି ବାବଦକୁ ୩୧ ଲକ୍ଷ ୨୯ ହଜାର ୩ ଟଙ୍କା ପ୍ରଦାନ କରାଯାଇଥିଲା। ୨ ଉଦ୍ୟୋଗୀଙ୍କୁ ଏହି ବିଭାଗର କ୍ୟାପିଟାଲ ଇନଭେଷ୍ଟମେଣ୍ଟ ରିହାତି ବାବଦ ୭ ଲକ୍ଷ ୩୦ ହଜାର ୯ ଶହ ୨୯ ଟଙ୍କାର ଚେକ୍ ଦିଆଯାଇଥିଲା।

ବିଭାଗର ୧୦ ଉଦ୍ୟୋଗ ପାଇଁ ମାର୍ଜିନ ମନି ବାବଦ ୧୦ ହଜାର ଟଙ୍କା ଲେଖାଏ ଚେକ୍ ଦିଆଯାଇଥିଲା। ୨ ମହିଳାଙ୍କ କ୍ଷେତ୍ରରେ ପରିବାର ନିରୋଧ ଅସ୍ତ୍ରୋପଚାର ବିଫଳ ହୋଇଥିଲା। ସେମାନଙ୍କୁ କ୍ଷତିପୂରଣ ବାବଦ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ୬୦ ହଜାର ଟଙ୍କା ଲେଖାଏ ଦିଆଯାଇଥିଲା। କୃଷି ବିଭାଗ ତରଫରୁ ମଧ ୫ ଚାଷୀଙ୍କୁ କୀଟନାଶକ ସିଞ୍ଚନ ଯନ୍ତ୍ର ପ୍ରଦାନ କରାଯାଇଥିଲା। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ତରଫରୁ ୨୦ ମତ୍ସ୍ୟ ଚାଷୀଙ୍କୁ ୧ଲକ୍ଷ ୨୫ ହଜାର ଲେଖାଏ ଚେକ୍, ଜଣେ ମତ୍ସ୍ୟ ଚାଷୀଙ୍କୁ ଅଟୋ ରିକ୍ସା ଓ ମାଛ ଚାଷ ପାଇଁ ବରଫ ବାକ୍ସ ପ୍ରଦାନ କରାଯାଇଥିଲା। ଜିଲା ମଙ୍ଗଳ କାର୍ଯ୍ୟାଳୟ ତରଫରୁ ଅନୁସୂଚିତ ଜନଜାତି ଓ ଜାତିର ୨ କ୍ଷତିଗ୍ରସ୍ତଙ୍କୁ ୩ ଲକ୍ଷ ୨୫ ହଜାର ଟଙ୍କା ଦିଆଯାଇଥିଲା। ଉଦ୍ୟାନ କୃଷି ବିଭାଗ ତରଫରୁ ୫ ପାନ ଚାଷୀଙ୍କୁ ଫନୀ ସହାୟତା ବାବଦରେ ୧୫ ହଜାର ଟଙ୍କା ଲେଖାଏ ଚେକ୍ ପ୍ରଦାନ କରାଯାଇଥିଲା। ଜିଲା ସମାଜ ମଙ୍ଗଳ ବିଭାଗ ତରଫରୁ ମିଶନ ଶକ୍ତି ଯୋଜନାରେ ୧୦ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ସହାୟତା ୩୦ ଲକ୍ଷ ୮୦ ହଜାର ଟଙ୍କା ଦିଆଯାଇଥିଲା। ମମତା ଯୋଜନାରେ ୫ ମହିଳାଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ୨୦ ଜଣଙ୍କୁ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଏବଂ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା। ପ୍ରାଣୀପାଳକ ଓ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ୧୨ ଘାସ ଚାଷୀଙ୍କୁ ୧ ଲକ୍ଷ ୨ ହଜାର ଏବଂ ୯ ଫନୀ ବାତ୍ୟା କ୍ଷତିଗ୍ରସ୍ତଙ୍କୁ କୁକୁଡ଼ା ଚାଷ ପାଇଁ ୨ ଲକ୍ଷ ୭୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ଦେୱାନୀ ଅନ୍ନପୂର୍ଣ୍ଣା ନାୟକ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ କମଳାକାନ୍ତ ରାଉତଙ୍କ ପ୍ରତ୍ୟକ୍ଷ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ମେଗା ଆଇନସେବା ଓ ସଚେତନତା ଶିବିର**



କାର୍ଯ୍ୟକ୍ରମ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ଚାରା ରୋପଣ କରୁଛନ୍ତି।

### ଟ୍ରକ୍ ଚାଳକଙ୍କଠାରୁ ଲୁଟ୍ ଘଟଣାରେ ଆଉ ୨ ଗିରଫ

**ବାଲିଆ,୨୫।୧**

ବିରିଡି ଥାନା ଅଧୀନ ଦଳେଇଘାଇଠାରେ ଏକ ଧାନ ବୋଝେଇ ଟ୍ରକ ଚାଳକଙ୍କଠାରୁ ୨୧ତାରିଖରେ ଲୁଟ୍ ହୋଇଥିଲା। ଏନେଇ ଅଭିଯୋଗ ହେବାପରେ ପୋଲିସ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମଧ୍ୟଶାସନ ଗ୍ରାମର ତପନ କୁମାର ସ୍ୱାଇଁ (୩୦)ଙ୍କୁ ୨୩ ତାରିଖରେ ଗିରଫ କରି କୋର୍ଟଚାଲାଣ କରିଥିଲା। ଶନିବାର ତପନଙ୍କ ୨ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଉତ୍ତରଶାସନର ରାଜେଶ ଶତପଥୀ(୨୪) ଓ ରାକେଶ ସେଠୀ(୨୩)। ଗିରଫ ପରେ ସେମାନଙ୍କଠାରୁ ପୋଲିସ ଲୁଟ ମୋବାଇଲ୍, ମନିପର୍ସ, ଏଟିଏମ୍ ଓ ଡ୍ରାଇଭିଂ ଲାଇସେନ୍‌ସ ଜବତ କରିଛି। ଗତ ୨୧ ତାରିଖ ରାତିରେ ଆଳିପିଙ୍ଗଳରୁ ଧାନ ବୋଝେଇ କରି ସମ୍ବଲପୁରକୁ ଯାଉଥିବା ଟ୍ରକକୁ ୫୫ନଂ ଜାତୀୟ ରାଜପଥର ଦଳେଇଘାଇଠାରେ ୪ ଯୁବକ ଅଟକାଇ ଥିଲେ। ଏହାପରେ ଟ୍ରକ୍ ଚାଳକଙ୍କୁ ମାଡ଼ ମାରିବା ସହ ଉପରୋକ୍ତ ସାମଗ୍ରୀ ଲୁଟ୍ କରିଥିଲେ। ଲୁଟର ଶିକାର ହୋଇ ଟ୍ରକ ଚାଳକ ବୁଧିଆ ରାଉତ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ନଂ-୬/୨୦ ରୁଜୁ ହୋଇଥିଲା।

# 'କୁଜଙ୍ଗ ମାଟିର ସୁନାମ ବଜାୟ ରଖ'



କୁଜଙ୍ଗ ବନବିହାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**କୁଜଙ୍ଗ, ୨୫।୧ (ଡି.ଏନ୍.ଏ.)**

କୁଜଙ୍ଗ ବନବିହାରୀ ଉଚ୍ଚ ବିଦ୍ୟାଳୟର ୧୧୯ତମ ବାର୍ଷିକ ଉତ୍ସବ ଓ ବନବହାରୀ ଡେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲୋକନାଥ ନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମାସିକ ସମ୍ବାଦ ଓ ସାହିତ୍ୟ ଭିତ୍ତିକ ପତ୍ରିକା 'ପରଦା'ର ସମ୍ପାଦକ ସରୋଜ ପଟ୍ଟନାୟକ ମୁଖ୍ୟଅତିଥି, ପ୍ରାଧାପକ ସଚ୍ଚିଦାନନ୍ଦ ଦାଶ ମୁଖ୍ୟବକ୍ତା ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦିନବନ୍ଧୁ ସେନାପତି, ପଣ୍ଡିତ ଉପେନ୍ଦ୍ର ନାଥ ମିଶ୍ର, ପ୍ରଧାନ ଶିକ୍ଷକ ସରୋଜକାନ୍ତ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉତ୍ସବରେ ଅତିଥିମାନେ ବିଦ୍ୟାଳୟର ପ୍ରତିଷ୍ଠାତା ବନବିହାରୀ କପୁରଙ୍କ ସ୍ମୃତିଚାରଣ କରିଥିଲେ। ସ୍କୁଲରେ ପାଠ ପଢୁଥିବା ପିଲାମାନେ ସୁନାଗରିକ ଭାବେ ନିଜକୁ ଗଢ଼ି ତୋଳିବା ସହ କୁଜଙ୍ଗ ମାଟିର ସୁନାମ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ ସଞ୍ଜୀବ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଖୋଲାମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

**ରାହାମା,୨୫।୧(ଡି.ଏନ.ଏ.)**

ସ୍ଥାନୀୟ କନ୍ଦମୂଳ ପଡ଼ିଆଠାରେ ମକରମେଳା କମିଟି ଆନୁକୂଲ୍ୟରେ ଚାଲିଥିବା ଖୋଲାମଞ୍ଚ ଗ୍ରାମାଞ୍ଚଳ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମକର କମିଟି ସଭାପତି ତଥା କୁଜଙ୍ଗ ବ୍ଲକ ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ଅଜୟ ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ରାଜକିଶୋର ପଟ୍ଟନାୟକ, ଯୁବନେତା ମନୋଜ ସାହୁ, ତାଳପଡ଼ା ସରପଞ୍ଚ ମମତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ହାତିକେନାର ହନୁମାନଜୀଉ ଯୁବକ ସଂଘ ଚାମ୍ପିୟନ ହୋଇ ୧୦ ହଜାର ଟଙ୍କା ନଗଦ ପୁରସ୍କାର ରାଶି ସହିତ କପ୍ ହାସଲ କରିଛି। ପଣ୍ଡୁଆର ବିଶ୍ୱ କବି ରବୀନ୍ଦ୍ରନାଥ ଯୁବ ସଂସଦର କଳାକାରମାନଙ୍କୁ ରନର୍ସଅପଭାବେ ଘୋଷଣା କରାଯାଇ ପାଞ୍ଚହଜାର ଟଙ୍କା ପୁରସ୍କାର ରାଶି ଓ କପ୍ ନେବା ପାଇଁ ଆମନ୍ତ୍ରଣ କରାଯାଇଥିଲା। ମାତ୍ର ବିଚାରକମଣ୍ଡଳୀ ଚୟନରେ ତ୍ରୁଟି ଥିବା ଦର୍ଶାଇ ଏହି ସଂସଦର କେହି କର୍ମକର୍ତ୍ତା କିମ୍ବା କଳାକାର ପୁରସ୍କାର ରାଶି ଓ କପ୍ ଗ୍ରହଣ କରି ନ ଥିଲେ। ସଂସଦର ସମସ୍ତ କଳାକାର ଓ କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରି ଫେରିଥିଲେ। ୬ଦିନ ଧରିଚାଲିଥିବା ପ୍ରତିଯୋଗିତାରେ ଟାଇଟାନିକ୍ ଡ୍ରାମାଟିକ କ୍ଲବ, ରାହାମା ବଡବଜାର, ଶ୍ରୀବଟମହାପୁରୁଷ ଡ୍ରାମାଟିକ୍ କ୍ଲବ୍, ଗୋବର୍ଦ୍ଧନପୁର, ଚନ୍ଦ୍ରଶେଖର ଡ୍ରାମାଟିକ କ୍ଲବ, ଖୁଣ୍ଟଳ, ଶ୍ରୀହନୁମାନ ଜୀଉ ସାଂସ୍କୃତିକ କଳା ପରିଷଦ, ବରୁଣ୍ଡି, ବିଶ୍ୱକବିରବୀନ୍ଦ୍ରନାଥ ଯୁବ ସଂସଦ, ପଣ୍ଡୁଆ ଓ ହନୁମାନ ଜୀଉ ଯୁବକ ସଂଘ ହାତିକେନା ଭାଗନେଇ ସେମାନଙ୍କ ନାଟକୀୟ କଳା କୌଶଳ ପ୍ରଦର୍ଶନ କରିଥିଲେ। ବିଶ୍ୱଜିତ ନାୟକ, ସାରଦା ସାହୁ, ପ୍ରଶାନ୍ତ ବେଉରା, ସତ୍ୟଜିତ୍ ନାୟକ ଓ ସଞ୍ଜୀବ ସାହୁ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

### ନେତାଜୀ ଜୟନ୍ତୀ ପାଳିତ

**ତିର୍ତ୍ତୋଲ,୨୫।୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଗୋପାଳପୁର(ଶ) ପଞ୍ଚାୟତ ଜନାର୍ଦ୍ଦନପୁର ଗ୍ରାମରେ ଥିବା ସନ୍ତୋଷୀ ମା'ମନ୍ଦିର ପ୍ରାଙ୍ଗଣରେ ନେତାଜୀ ଜୟନ୍ତୀ ପାଳିତ ହୋଇଛି। ଉତ୍ସବରେ ଆଇନଜୀବୀ ଭଜହରି କର ସଭାପତିତ୍ୱ କରିଥିଲେ। ବାବା ଦିବାକର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଧାରାବାହିକ ପ୍ରବକ୍ତା ଇଂ. ପ୍ରାର୍ଥସାରଥି ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ନେତାଜୀ ସାରାଭାରତର ନେତାଙ୍କ ମଧ୍ୟରେ ଜଣେ ନେତା ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ତିର୍ତ୍ତୋଲ ବ୍ଲକ ଆମ୍ବ ଅଧକ୍ଷ ବସନ୍ତ ମହାପାତ୍ର, ଜିଲାପରିଷଦ ସଭ୍ୟ ସନାତନ ଦଳାଇ, ସରପଞ୍ଚ କୃଷ୍ଣପ୍ରସାଦ ଦାସ, ନିଲୁ ଚରଣ ଜେନା, ସମାଜିକକର୍ମୀ ସୁଧୀର ମହାନ୍ତି, ଏଫଆଇଏନ୍ ଆଣ୍ଡ ଓଆଇଜି ସଂଗଠନ ସଭାପତି ଶ୍ରୀପତି ଲେଙ୍କା, ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ, ଜେଟିର୍ବିଦ ଅରୁଣ ପାଣି, ଅବସରପ୍ରାପ୍ତ ଶିକ୍ଷକ ତ୍ରଲୋକ୍ୟନାଥ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମହାନ୍ତିଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ନେତାଜୀ ଜୟନ୍ତୀ ଉତ୍ସବ କମିଟି ସଂଯୋଜକ ପଣ୍ଡିତ ଅଭୟ ଦାଶ ମାନପତ୍ର ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ଓ ସିଲ୍ଡ ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହା ସହିତ ପଞ୍ଚାୟତର ୱାର୍ଡସଭ୍ୟା,ସଭ୍ୟ, ସମାଜିକର୍ମୀ, ନାଟ୍ୟନିର୍ଦ୍ଦେଶକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ମହିଳାଙ୍କୁ ପୋଡ଼ି ମାରିଦେବାକୁ ଉଦ୍ୟମ ଅଭିଯୋଗ

**ବାଲିକୁଦା,୨୫।୧(ସ୍ୱ.ପ୍ର.)**

ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ପୋଡ଼ି ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ସେ ହେଲେ ବାଲିକୁଦା ଥାନା ତଣ୍ଡିକୂଳ ଗାଁର ସାରଦା ବିଶ୍ୱାଳଙ୍କ ସ୍ତ୍ରୀ ମନୋରମା(୨୪)। ଏନେଇ ମନୋରମାଙ୍କ ବାପା ଶାଳିଜଙ୍ଗ ତିର୍ତ୍ତୋଲର ବିଷ୍ଣୁ ଘଡେଇ ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ନଂ-୧୨/୨୦ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମନୋରମା ଗୁରୁତର ଥିବାରୁ ପୋଲିସ ତାଙ୍କ ବୟାନ ରେକର୍ଡ କରି ପାରନାହିଁ। ଅନ୍ୟପକ୍ଷରେ ପାରିବାରିକ କଳହ ଯୋଗୁ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ତାଙ୍କ ଶାଶୁଘର ଲୋକେ କହିଛନ୍ତି। ଶାଶୁଘର ଲୋକଙ୍କ କହିବା ଅନୁସାରେ, ମନୋରମାଙ୍କ ସ୍ୱାମୀ ସାରଦା ଓଡ଼ିଶା ବାହାରେ ରହି ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। କିଛି ଦିନ ହେବ ଘରକୁ ଆସିଥିଲେ। ଶୁକ୍ରବାର ସେ ପୁଣି ତାଙ୍କ କର୍ମସ୍ଥଳୀକୁ ଯାଇଥାନ୍ତେ। ହେଲେ ସେଠାକୁ ସ୍ୱାମୀଙ୍କ ସହ ଯିବାକୁ ମନୋରମା ଜିଦ୍ କରିଥିଲେ। ମାତ୍ର ସାରଦା ତାଙ୍କୁ ନେବାକୁ ସହମତି ପ୍ରକାଶ କରି ନ ଥିଲେ। ଯେଉଁଥିପାଇଁ ମନୋରମା ଘରେ ବାହାର ପଟୁ କବାଟ କିଳି ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିବା ଫଳରେ ମନୋରମା ଛଟ ପଟ ହୋଇ ଚିତ୍କାର କରିଥିଲେ। ପରିବାର ଲୋକେ ଏହା ଦେଖି ଝରକା ଭାଙ୍ଗି ତାଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳେକୁ ତାଙ୍କର ଅର୍ଦ୍ଧାଧିକ ଶରୀର ପୋଡି ଯାଇଥିଲା। ଫଳରେ ତାଙ୍କୁ ସଙ୍ଗେସଙ୍ଗେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ମେଡିକାଲକୁ ନିଆ ଯାଇଥିଲା। ଶନିବାର ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ରଘୁନାଥପୁର ବ୍ଲକରେ ହନୁମାନ ଚାଳିଶା

**ରଘୁନାଥପୁର, ୨୫।୧ (ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ପରିସରରେ ୩ ୟ ବାର୍ଷିକ ହନୁମାନ ଚାଳିଶା ପାଠ ଅନୁଷ୍ଠିତ ହୋଇଯାଇଛି। ସକାଳୁ କଳସ ସ୍ଥାପନ ପରେ ଗୋ ପୂଜା, ସୂର୍ଯ୍ୟ ପୂଜା କରାଯାଇ ବିଧି ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଇଓ ପୀତବାସ ନନ୍ଦ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବିଡିଓ ପଞ୍ଚାନନ ପଟାୟତ, ଏବିଡିଓ ଅଶୋକ ମହାନ୍ତି, ଆସିଷ୍ଟାଣ୍ଟ ଇଞ୍ଜିନିୟର ଅମିୟ ଚାନ୍ଦ ମଲ୍ଲିକଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ରହି ଆଧ୍ୟାତ୍ମିକ କାର୍ଯ୍ୟରେ ନିୟୋଜିତ ଥିଲେ।

# ଚିକିଣିଆରେ ଜାତୀୟ ଭୋଟର ଦିବସ ପାଳିତ

**ରଘୁନାଥପୁର, ୨୫।୧ (ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଚିକିଣିଆ ପ୍ରାଥମିକ ବିଦ୍ୟାଳୟ ନିକଟରେ ୫୮ ଏବଂ ୫୯ ନଂ. ବୁଥ୍ ମତଦାତାଙ୍କ ପକ୍ଷରୁ ଜାତୀୟ ଭୋଟର ଦିବସ ପାଳନ କରାଯାଇଛି। ବୁଥ୍ ଲେଭଲ ଅଫିସର (ବିଏଲଓ)ପବିତ୍ର କୁମାର ସ୍ୱାଇଁ ଓ ସୁଧୀର କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଅଞ୍ଚଳର ଲୋକେ ଏକତ୍ରିତ ହୋଇ ଗଣତନ୍ତ୍ରକୁ ସମ୍ମାନ ଦେବା ସହ ମତଦାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଦିବସରେ ଦୁଇଟି ବୁଥ୍ ଅଧୀନରେ ଥିବା ଫର୍ମ ନଂ.୬ରେ ନୂତନ ଭୋଟର ପଞ୍ଜୀକରଣ, ନଂ. ୭ରେ ମୃତ ଓ ସ୍ଥାନାନ୍ତର ବ୍ୟକ୍ତିଙ୍କୁ ବାଦ୍ ଦେବା, ନଂ. ୮ରେ ସଂଶୋଧନର ପ୍ରସ୍ତାବ ରଖିବା ଏବଂ ନଂ.୮ (୧)ରେ ଗୋଟିଏ ବୁଥ୍‌ରୁ ଅନ୍ୟ ବୁଥ୍‌କୁ ସ୍ଥାନାନ୍ତର ହୋଇଥିବା ଭୋଟରମାନେ ଆବେଦନ କରିପାରିବେ ବୋଲି ବିଏଲଓ ସ୍ୱାଇଁ ପ୍ରକାଶ କରିଥିଲେ। ପୂର୍ବରୁ ଏ ସମ୍ପର୍କରେ ସାଧାରଣ ଭୋଟରଙ୍କୁ ସୂଚନା ପ୍ରଦାନ କରାଯାଇଥିବା ଏବଂ ଏ ସମ୍ପର୍କରେ ଜାଣି ନ ଥିବା ବ୍ୟକ୍ତିଙ୍କୁ ସଚେତନ କରାଇ ଫର୍ମରେ ଆବେଦନ ପାଇଁ ପରାମର୍ଶ ଦିଆଯାଉଥିବା ସମ୍ପର୍କରେ ବିଏଲଓ ନାୟକ ପ୍ରକାଶ କରିଥିଲେ। ତେବେ ଏହି ଏକ ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ଲୋକମାନେ ଉପସ୍ଥିତ ହୋଇ ଫର୍ମରେ ଆବେଦନ କରୁଥିବାର ଦେଖାଯାଇଥିଲା।



ଜାତୀୟ ଭୋଟର ଦିବସରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ପାରାଦୀପ ଏମ୍‌ସିସିର ସର୍ବେକ୍ଷଣ

**ପାରାଦୀପ, ୨୫।୧ (ସ୍ୱ.ପ୍ର.)**

ପାରାଦୀପ ପୌରପାଳିକା ପକ୍ଷରୁ ମଧୁବନ ଡମ୍ପିୟାର୍ଡସ୍ଥଳରେ ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର)କରାଯାଇଛି। ଏହି ଏମ୍‌ସିସିରେ ପୌରାଞ୍ଚଳରୁ ଉଦ୍‌ବୃତ୍ତ ଆବର୍ଜନାକୁ ପ୍ରକ୍ରିୟାକରଣ କରାଯାଇ ଖତ କରାଯାଉଛି। ଯାହାକୁ ସରକାରୀ ଭାବେ 'ମୋ ଖତ' ବୋଲି କୁହାଯାଉଛି। ସେହି ଖତକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱୀକୃତି ଦେବା ପରେ ତାହା ରାଜ୍ୟର ୧୧୪ ପୌର ଓ ବିଜ୍ଞାପିତ ସଂସ୍ଥା ପାଇଁ ଆଦର୍ଶ ପାଲଟିଛି। ପାରାଦୀପ ପୌରପାଳିକାର ଏହି ଆବର୍ଜନା ପରିଚାଳନା ନୀତିକୁ ରାଜ୍ୟର ସମସ୍ତ ପୌର ଓ ବିଜ୍ଞାପିତ ସଂସ୍ଥାଗୁଡିକ ତାଙ୍କ ଅଞ୍ଚଳରେ କାର୍ଯ୍ୟକାରୀ କରିବା ପାଇଁ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି କ୍ରମରେ ପାରାଦୀପ ପୌରପାଳିକାର ଏମ୍‌ସିସିକୁ ରାଜ୍ୟର ସମସ୍ତ ପୌର/ବିଜ୍ଞାପିତ ସଂସ୍ଥା ସର୍ବେକ୍ଷଣ କରିବା ପାଇଁ ଆସୁଛନ୍ତି। ଶୁକ୍ରବାର ପଶ୍ଚିମ ଓଡ଼ିଶାର ୮ ଜିଲାରେ ଥିବା ୨୩ ପୌର/ବିଜ୍ଞାପିତ ସଂସ୍ଥା ପ୍ରତିନିଧିମାନେ ମଧୁବନ ଡମ୍ପିୟାର୍ଡସ୍ଥଳ ବୁଲି ଦେଖିଛନ୍ତି। ଗତ ୨୨ତାରିଖରେ ୨୫ଟି ସଂସ୍ଥାର ପ୍ରତିନିଧି ଆସିଥିଲେ।



ପଶ୍ଚିମ ଓଡ଼ିଶାର ୮ ଜିଲାରେ ଥିବା ୨୩ ପୌର ସଂସ୍ଥାର ପ୍ରତିନିଧି ପାରାଦୀପର ଏମ୍‌ସିସିକୁ ବୁଲି ଦେଖୁଛନ୍ତି।

**ସମସ୍ତ ପୌର ପରିଷଦ ଅଞ୍ଚଳରେ ଲାଗୁ ହେବ ଏମ୍‌ସିସି**

ପୌର ପ୍ରତିନିଧିଙ୍କୁ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ କାଉନ୍‌ସିଲରମାନେ ସ୍ୱାଗତ କରିଥିଲେ। ଆସନ୍ତା ୨୮ରେ ୨୩, ୨୯ରେ ୨୧ ଓ ୩୧ରେ ୨୧ ପୌର ସଂସ୍ଥାର ପ୍ରତିନିଧିମାନେ ଆସିବେ ବୋଲି ସରକାରୀ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ସମସ୍ତ ପୌର ସଂସ୍ଥାର ନିର୍ବାହୀ ଅଧିକାରୀ, ଯନ୍ତ୍ରୀଙ୍କ ସମେତ ଏକାଧିକ କର୍ମଚାରୀ ରହୁଛନ୍ତି। ସେମାନଙ୍କୁ ପ୍ରଥମେ ପୌର ପ୍ରଶାସନିକ ଭବନରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କୁହାଯାଉଛି। ପରେ ଏମ୍‌ସିସି ସ୍ଥଳକୁ ଯାଇ ପ୍ରକଳ୍ପ ଦେଖାଯାଉଛି।

ସୂଚନାଯୋଗ୍ୟ, ପାରାଦୀପ ପୌରାଞ୍ଚଳରୁ ଦୈନିକ ବାହାରୁଥିବା ୫୩ଟନ୍ ଆବର୍ଜନାକୁ ଦୁଇଟି ପର୍ଯ୍ୟାୟରେ ସଂଗ୍ରହ ଓ ପରିଚାଳନା କରାଯାଉଛି। ଓଦା ଅଳିଆ ଓ ଶୁଖିଲା ଅଳିଆକୁ ଅଲଗା ଭାବେ ସଂଗ୍ରହ କରାଯାଉଛି। ଶୁଖିଲା ଅଳିଆ ପଲିଥିନ୍, ପ୍ଲାଷ୍ଟିକ୍, କାଠ, କାଗଜ, କପଡ଼ା, ଲୁହା, ଟିଣ ଆଦିକୁ କବାଡି ବ୍ୟବସାୟୀଙ୍କୁ ବିକ୍ରି କରାଯାଉଛି। ଓଦା ଅଳିଆ ବାସିଖାଦ୍ୟ, ପରିବା ଚୋପା ଆଦିକୁ ଅଲଗା ଭାବେ ନିଆଯାଇ ଏମ୍‌ସିସିରେ ଥିବା ଟାଙ୍କିରେ ରଖାଯାଉଛି। କିଛି ଦହି ଓ ଜୀବାଣୁ ଛଡାଯାଇ ମାସେ ପର୍ଯ୍ୟନ୍ତ ପଚାଯିବା ପରେ ତାକୁ ମେସିନ୍ ଯୋଗେ ଖଣ୍ଡ କରାଯାଇ ଖରାରେ ଶୁଖାଯାଉଛି। ସେହି ଶୁଖିଲା ଖଣ୍ଡକୁ ଗୁଣ୍ଡ କରାଯାଇ ଖତ ହେଉଛି। ସମସ୍ତ କାମ ଯାନ୍ତ୍ରୀକରଣ ବ୍ୟବସ୍ଥାରେ କରାଯାଉଛି। ଏହାକୁ ମହିଳାମାନେ ପରିଚାଳନା କରୁଛନ୍ତି। ୧ କିଲୋ ଖତକୁ ୨୦ ଟଙ୍କାରେ ବିକ୍ରି କରାଯାଉଛି। ଏହି ବ୍ୟବସ୍ଥାରେ ଆବର୍ଜନା ପରିଚାଳନା ହେବା ସଙ୍ଗେସଙ୍ଗେ ମହିଳାଙ୍କୁ ରୋଜଗାର ବି ମିଳୁଛି। ଉକ୍ତ ପ୍ରକଳ୍ପ ଏବେ ରାଜ୍ୟର ଆଦର୍ଶ ପାଲଟିଛି ବୋଲି ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି କହିଛନ୍ତି।

## ସଂକ୍ଷେପରେ

### ମରାମତି ନାଁରେ ସରକାରୀ ଅର୍ଥ ଲୁଟ୍ ଅଭିଯୋଗ

**ସାଲେପୁର, ୨୫।୧(ଡି.ଏନ୍.ଏ.):** ସାଲେପୁର ବ୍ଲକ ନରଦା ପଞ୍ଚାୟତ ଅନ୍ତର୍ଗତ ନରଦା ଗ୍ରାମରେ ସରକାରୀ ଅର୍ଥ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଭଲ ଥିବା ସରକାରୀ ଘରଭାଙ୍ଗି ମରାମତି ନାଁରେ ଟଙ୍କା ଲୁଟ୍ କରାଯାଉଛି। ଏ ନେଇ ଗ୍ରାମବାସୀ ଶନିବାର ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ନିକଟକୁ ଡାକ ଯୋଗେ ଏକ ଅଭିଯୋଗ ପତ୍ର ପଠାଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ନରଦା ପଞ୍ଚାୟତ କାର୍ଯ୍ୟାଳୟ ଗୃହର ମାର୍ବଲ ଚଟାଣ ସମ୍ପୂର୍ଣ୍ଣ ଭଲଥିବା ବେଳେ ଏହାକୁ ତାଡ଼ି ପୁନର୍ବାର ନୂତନ ଚଟାଣ ତିଆରି କରି ବ୍ୟାପକ ଅର୍ଥଲୁଟ୍ କରାଯାଇଛି। ସେହିପରି କିଛିବର୍ଷ ତଳେ ଏମ୍ପିଙ୍କ ପାଣ୍ଠିରୁ ହରିପୁର ୟୁପି ସ୍କୁଲ୍‌ର ନିର୍ମାଣ କାର୍ଯ୍ୟ କରାଯାଇଥିଲା। ମାତ୍ର ଏବେ ବିଦ୍ୟାଳୟର ପାଚେରୀ କାର୍ଯ୍ୟ ପାଇଁ ପୁନର୍ବାର ଅର୍ଥ ଆଣି ଆତ୍ମସାତ କରାଯାଇଛି। ହରିପୁର ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ସମ୍ପୂର୍ଣ୍ଣ ଭଲ ଥିବାବେଳେ ଏହାକୁ ଭାଙ୍ଗି ପୁନର୍ବାର ଅର୍ଥ ହଡ଼ପ ପାଇଁ ଚକ୍ରାନ୍ତ ଚାଲିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ବିନା ସୂଚନା ଫଳକରେ ପୁନରୁଦ୍ଧାର ଆଳରେ ଏସବୁ କାର୍ଯ୍ୟ ଚାଲିଛି ବୋଲି ସେମାନେ ଦର୍ଶାଇଛନ୍ତି। ଏନେଇ ନରଦା ପଞ୍ଚାୟତର ଗୌରହରି ସୁବୁଦ୍ଧି, ତୋଫାନ୍ ମଲିକ, କରୁଣାକର ମଲିକ, ସୁଶାନ୍ତ ସାମଲ, ସୁବାସ ମଲିକ, ଅର୍ଜୁନ୍ ରାଉତ ଓ ମାନସ କୁମାର ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଏହି ଘଟଣାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ସାଲେପୁର ବିଡ଼ିଓ ଦେବରାଜ ସେଠୀ କହିଛନ୍ତି, ଏ ସମ୍ପର୍କରେ ମୋ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ପରେ ଏନେଇ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ୧୬ଫୁଟର ଅହିରାଜ ଉଦ୍ଧାର

**ତିଗିରିଆ,୨୫।୧(ଡି.ଏନ୍.ଏ.):** ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ର ସନ୍ତୋଷ କୁମାର ପଟ୍ଟନାୟକଙ୍କ ବାଡ଼ି ଅଗଣାରୁ ଶନିବାର ୧୬ ଫୁଟର ଏକ ଅହିରାଜ ସାପ ଉଦ୍ଧାର ହୋଇଛି। ସାପଟି ସନ୍ତୋଷଙ୍କ ବାଡ଼ିପଟ ପାଚେରୀ ଦେଇ ଅଗଣାକୁ ଆସି ଚଳପ୍ରଚଳ କରୁଥିବା ବେଳେ ପରିବାର ଲୋକେ ଦେଖିଥିଲେ। ଏନେଇ ସେମାନେ ବନ ବିଭାଗରେ ଖବର ଦେଇଥିଲେ। ତିଗିରିଆ ବନପାଳ ରାକେଶ କୁମାର ପ୍ରଧାନ, ବନରକ୍ଷୀ ମଙ୍ଗଳ ବାବଙ୍ଗ ଓ ସାପ ଧରାଳି ସଦାଶିବ ଜେନା ସେଠାରେ ପହଞ୍ଚି ପାଚେରୀ ମଧ୍ୟରେ ଗଦାହୋଇଥିବା ମାଙ୍କଡ଼ା ପଥର ତଳୁ ସାପକୁ ଉଦ୍ଧାର କରିଥିଲେ। ଏହାପରେ ତାକୁ ତିଗିରିଆସ୍ଥିତ ନିଜିଗଡ଼ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

### ଜାତୀୟ ମତଦାତା ଦିବସ
### 'ଉପଯୁକ୍ତ ପ୍ରତିନିଧି ବାଛିବା ସଚେତନ ଭୋଟରଙ୍କ ଦାୟିତ୍ୱ'

**ଯାଜପୁର ଟାଉନ,୨୫।୧(ଡିଏନଏ):** ମତଦାତା ବା ଭୋଟରମାନେ ହିଁ ହେଉଛନ୍ତି ଗଣତନ୍ତ୍ରର ସୁରକ୍ଷାକବଚ। ସେମାନେ ଉପଯୁକ୍ତ ପ୍ରତିନିଧି ବାଛି ଅଞ୍ଚଳ ଓ ଦେଶର ବିକାଶରେ ସହଭାଗୀ ହେବା ଆବଶ୍ୟକ ବୋଲି ଯାଜପୁରସ୍ଥିତ ସଂସ୍କୃତି ଭବନଠାରେ ଆୟୋଜିତ ଜାତୀୟ ମତଦାତା ଦିବସ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ଅଧକ୍ଷତା କ୍ରମେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲାପାଳ ରଞ୍ଜନ କୁମାର ଦାସ ଯୋଗଦେଇ ଗଣତନ୍ତ୍ରକୁ ସୁଦୃଢ କରିବାରେ ନିର୍ବାଚନର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନରେ ଭୋଟରଙ୍କ ଠିକ ମତଦାନ ମଧ ତା'ଠାରୁ ବେଶୀ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ଡେପୁଟୀ କଲେକ୍ଟର ତିଳୋତ୍ତମା ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ନୂତନ ଭୋଟରଙ୍କୁ ଭୋଟ ପରିଚୟପତ୍ର ଓ ଉପାୟନ ପ୍ରଦାନ କରି ମୁଖ୍ୟଅତିଥି ସ୍ୱାଗତ କରିଥିଲେ। ଏଥିସହିତ ଉପସ୍ଥିତଙ୍କ ମଧ୍ୟରେ ସଂକଳ୍ପ ପାଠ କରାଯାଇଥିଲା। ପୂର୍ବାହ୍ନରେ ମତଦାନ ସଚେତନତା ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ନିର୍ବାଚନ ବିଭାଗର କର୍ମଚାରୀ ମାନେ ସମଗ୍ର କାର୍ଯ୍ୟକୁ ପରିଚାଳନା କରିଥିବାବେଳେ ବିଭାଗୀୟ ଅଧିକାରୀ କାଜଲ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଜମିହରା କୃଷକ ମହାସଂଘର ଧାରଣା

## ପାଇପ ଲାଇନ କାମକୁ ବିରୋଧ
## ■ପ୍ରଶାସନିକ ଆଲୋଚନା ବିଫଳ
## ■ପରଦା ପଛରେ ଭାଇରାଜ ଚର୍ଚ୍ଚା



ଧାରଣାରେ ବସିଥିବା ଜମିହରା କୃଷକ ସଂଘର କର୍ମକର୍ତ୍ତା।

**ପାରାଦୀପ,୨୫।୧(ସ୍ୱ.ପ୍ର.)**

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଜିରୋପଏଣ୍ଟଠାରେ ଚାଲିଥିବା ତୈଳବିଶୋଧନାଗାର ପାଇପ ଲାଇନ କାମକୁ ବିରୋଧ କରାଯାଇଛି। ଜମିହରା କୃଷକ ମହାସଂଘ ପକ୍ଷରୁ ଏହିକାମକୁ ବିରୋଧ କରାଯାଇଛି। ଫଳରେ ଏହାକୁ ନେଇ ଗୁରୁବାରଠାରୁ ବିବାଦ ମୁଣ୍ଡ ଟେକିଛି। ଶନିବାର ହୋଇଥିବା ପ୍ରଶାସନିକ ଆଲୋଚନା ବିଫଳ ହୋଇଛି। ଏହାପରେ ଜମିହରା କୃଷକ ମହାସଂଘ ସଙ୍ଗଠନ ନିର୍ମାଣସ୍ଥଳଠାରେ ଧାରଣା ଦେଇଛି। ଏହି ଘଟଣା ୨୦୦୯ରୁ ୨୦୧୨ ସମୟର ଭାଇରାଜ ପରମ୍ପରାକୁ ପୁଣି ସତେଜ୍ କରିଛି।

ପ୍ରକାଶଯୋଗ୍ୟ, ବିଶୋଧନାଗାର ପ୍ରକଳ୍ପର ଏକ ନୂଆ ପାଇପଲାଇନ କାମକୁ ମାସ୍କେଟ ଇଞ୍ଜିନିୟରିଂ ସଂସ୍ଥା କରିବା ପାଇଁ ଅଗ୍ରାଧିକାର ପାଇଛି। ଉକ୍ତ ସଂସ୍ଥା ଏହି କାମ କରିବା ପାଇଁ ଏନ୍‌କେଏସ୍‌କୁ ଦେଇଛି। ଏନ୍‌କେଏସ୍‌ର ଯନ୍ତ୍ରାଂଶ ଓ ଗାଡି ଜିରୋ ପଏଣ୍ଟଠାରେ ଗୁରୁବାର କାମ କରୁଥିବାବେଳେ ଜମିହରା କୃଷକ ମହାସଂଘ ନାମକ ସଂଗଠନରେ ୧୦ରୁ ୧୫ ଜଣ ଯୁବକ ଯାଇ କାମ ବନ୍ଦ କରିଥିଲେ। ପ୍ରଥମେ ଯାଇ ଭାଇଙ୍କୁ ଦେଖାକର ବୋଲି ଏନ୍‌କେଏସ୍‌ର ମ୍ୟାନେଜର ଦେବଦତ୍ତ ବେହେରାଙ୍କୁ କହିଥିଲେ। ଉକ୍ତ ଘଟଣାକୁ ନେଇ ଠିକାସଂସ୍ଥା ପକ୍ଷରୁ ଲକ୍‌ଥାନା ପୋଲିସକୁ ଅବଗତ କରିବା ପରେ ପୋଲିସ ଆସି ପ୍ରଶାସନିକ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲା। ଗୁରୁବାର ରାତି ୯ଟା ଓ ଶୁକ୍ରବାର ସକାଳେ ଏଡିଏମ୍ କାହ୍ନୁଚରଣ ଧୀର ଉଭୟ ପକ୍ଷଙ୍କ କଥା ଶୁଣିବା ସହ ଡକ୍ୟୁମେଣ୍ଟ ଦେଖିଥିଲେ। ଏଥିରେ ଠିକାସଂସ୍ଥା କାମରେ କାହାକୁ ନିଯୁକ୍ତି ଦେଇପାରିବ ନାହିଁ ବୋଲି କହିବା ପରେ କୃଷକ ସଂଘର ସଦସ୍ୟମାନେ କାମ ବନ୍ଦ କରି ଧାରଣାରେ ବସିଛନ୍ତି। ସଂଘର ସଭାପତି ଗୋଲେଖ ନାୟକ କୁହନ୍ତି, ଏମାନେ ହେଲେ ଜମିହରା ଓ ବିସ୍ଥାପିତ ପରିବାର ଲୋକ। ସେମାନଙ୍କୁ ପ୍ରକଳ୍ପରେ ଅଣକୁଶଳୀ ଶ୍ରମିକ ଭାବେ କାମ ଦେବା କଥା। ତେଣୁ ସେମାନେ ସେଥିପାଇଁ ଆନ୍ଦୋଳନ କରୁଛନ୍ତି। ଏନକେଏସ୍‌ର ମୁଖ୍ୟ ସମ୍ପଦ ସ୍ୱାଇଁ କହିଛନ୍ତି, ଆମ ସଂସ୍ଥା ସ୍ୱଚ୍ଛ ଭାବେ କାମ କରୁଛି ଏବଂ ସେଥିରେ ଯେଉଁମାନେ କାମ କରୁଛନ୍ତି ସମସ୍ତେ ସ୍ଥାନୀୟ ଲୋକ। ଭିନ୍ନ ସ୍ୱାର୍ଥ ପାଇଁ ପୁଣି ଭାଇରାଜ୍ ଚଳାଇବାକୁ ଉଦ୍ୟମ ଚାଲିଛି। ଯାହାକୁ କେବେ ପ୍ରଶୟ ଦିଆଯିବ ନାହିଁ।

# ବଦଳିଲେ ୨୧ ବିଡିଓ, ଉପଜିଲାପାଳ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳ ବଦଳ କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଏ ନେଇ ଶନିବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଟିଟିଲାଗଡ଼ ବିଡିଓ ମୋତିଲାଲ ସୁଲିଆଙ୍କୁ ବୀରମହାରାଜପୁର ବ୍ଲକକୁ ବଦଳି କରାଯାଇଥିବା ବେଳେ ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନ୍‌ଗୋଙ୍କୁ ଥୁଆମୂଳ ରାମପୁର, ପାଲଲହଡ଼ା ତହସିଲଦାରଙ୍କୁ ପଟ୍ଟାମୁଣ୍ଡାଇ, ରଘୁନାଥପୁର ବିଡିଓ ପଞ୍ଚାନନ ପଟ୍ଟାୟତଙ୍କୁ ରଣପୁର, ରଣପୁର ବିଡିଓ ରଶ୍ମିରେଖା ଦାସଙ୍କୁ ବେଗୁନିଆ, ହିନ୍ଦୋଳ ବିଡିଓ ହେମନ୍ତ କୁମାର ମହାନ୍ତଙ୍କୁ କୁଜଙ୍ଗ, ସିନାପାଲି ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କୁ ପାଇକମାଳ, ପାଇକମାଳ ବିଡିଓ ସଦାଶିବ ନାୟକଙ୍କୁ ସିନାପାଲି, ମାଲକାନଗିରି ବିଡିଓ ଅଜୟ ପ୍ରଧାନଙ୍କୁ ଧର୍ମଗଡ଼, ଝରିଗାଁ ବିଡିଓ ଦେବେନ୍ଦ୍ର ବାହାଦୁର ସିଂ ଧରୁଆଙ୍କୁ ମାଲକାନଗିରି, ମାଲକାନଗିରି ଉପଜିଲାପାଳ ଦୁର୍ଗାପ୍ରସାଦ ଦୋରାଙ୍କୁ ଝରିଗାଁ ବିଡିଓ ଭାବେ ବଦଳି କରାଯାଇଛି। ସେହିପରି ନୟାଗଡ଼ ଉପଜିଲାପାଳ ସାଗର କୁମାର ନନ୍ଦଙ୍କୁ ଜଗତ୍‌ସିଂହପୁର, ଖୋର୍ଦ୍ଧା ଉପଜିଲାପାଳ ବବିତା ମଞ୍ଜରୀ ନାୟକଙ୍କୁ ଅସ୍ତରଙ୍ଗ ବିଡିଓ ଭାବେ, ଝାରବନ୍ଧ ବିଡିଓ ରୁନୁ ଲାକ୍ରାଙ୍କୁ ଝାରବନ୍ଧ ବିଡିଓ ସହିତ ସେହି ବ୍ଲକର ତହସିଲଦାର ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଆସ୍କା ବିଡିଓ ସତ୍ୟସୁନ୍ଦର ରାଉତଙ୍କୁ ଭାପୁର ବଦଳି କରାଯାଇଥିବା ବେଳେ ଲମତାପୁଟ ତହସିଲଦାର ସ୍ନେହପ୍ରଭା ମାଝିଙ୍କୁ କୁନ୍ଦ୍ରା, ଦେଓଗାଁ ବିଡିଓ ବର୍ନାଡେଟ ଲାକ୍ରାଙ୍କୁ ଗୁରୁଣ୍ଡିଆ, ଗୋଲମୁଣ୍ଡା ତହସିଲଦାର ମନୀଷା ଦାସ କୋକସରା, ବାଲିଅନ୍ତା ବିଡିଓ ଆଦିକନ୍ଦ ବେହେରାଙ୍କୁ ଘସିପୁରା, ବରି ବିଡିଓ ଶୁଭଶ୍ରୀ ତ୍ରିପାଠୀଙ୍କୁ ବୋଲଗଡ଼ ଏବଂ ଉମରକୋଟ ତହସିଲଦାର ଧର୍ମରାଜ ମାଝିଙ୍କୁ ଚନ୍ଦାହାଣ୍ଡି ବିଡିଓ ଭାବେ ବଦଳି କରାଯାଇଛି।

### ଚୋରି ଟ୍ରେଲର ଜବତ

**ନରସିଂହପୁର,୨୫।୧(ଡି.ଏନ୍.ଏ.)**

ନରସିଂହପୁର ଥାନା କେନ୍ଦୁପଲ୍ଲୀ ଗ୍ରାମକୁ ଆସୁଥିବା ଏକ ଲୁହାରଡ ବୋଝେଇ ଟ୍ରେଲରକୁ ଶନିବାର ଦୁର୍ବୃତ୍ତ ଚୋରି କରି ନେଉଥିବା ବେଳେ ପୋଲିସ ହାତରେ ଧରାପଡିଛି। ଟ୍ରେଲରଟି ଅନୁଗୋଳରୁ ନରସିଂହପୁର ଅଞ୍ଚଳକୁ ଆସୁଥିବା ବେଳେ ବାଟରେ କିଛି ଦୁର୍ବୃତ୍ତ ଚାଳକଙ୍କଠାରୁ ଏହାକୁ ଛଡାଇ ନେଇଥିଲେ। ଏନେଇ ଟ୍ରଲର ମାଲିକ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ଅନୁଗୋଳ ପୋଲିସ ନରସିଂହପୁର ପୋଲିସକୁ କେସ୍ ହସ୍ତାନ୍ତର କରିଥିଲା। ପରେ ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ଗାଡିକୁ ଜବତ କରିଛନ୍ତି। ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି।

# ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ୫-ଟି ବୈଠକ


ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

**ଯାଜପୁର ଟାଉନ,୨୫।୧(ଡିଏନଏ)**

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧକ୍ଷତାରେ ୫ଟି ବୈଠକ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦାସ ଅଧକ୍ଷତା କରି ସାଧାରଣ ଲୋକଙ୍କୁ ଉନ୍ନତମାନର ଦ୍ରୁତ ସେବା ଯୋଗାଇ ଦେବାକୁ ବଦ୍ଧପରିକର। ସେଥିପାଇଁ ସରକାର ୫-ଟି ଓ ମୋ ସରକାର ବ୍ୟବସ୍ଥା ଲାଗୁ କରିଛନ୍ତି ବୋଲି କହିଥିଲେ। ପ୍ରତ୍ୟେକ ନିଜ ବିଭାଗ ବ୍ୟବସ୍ଥାଗତ ଉନ୍ନତି ଓ ନୂଆ କାର୍ଯ୍ୟ କରିବାକୁ ଖସଡା ପ୍ରସ୍ତୁତ କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ସାଧାରଣ ଜନତାଙ୍କୁ ଯୋଗାଇ ଦିଆଯାଇଥିବା ସେବାକୁ କିପରି ଅଧିକ କ୍ରିୟାଶୀଳ ଓ ସରଳ କରାଯାଇ ପାରିବ ସେଥିପାଇଁ ଉଦ୍ୟମ ଓ ନୂଆ ଚିନ୍ତା କରିବାକୁ ଦାସ ପରାମର୍ଶ ଦେଇଥିଲେ। ସରକାରୀ ବ୍ୟବସ୍ଥା ମଧ୍ୟରେ କିପରି ଅଧିକ ସ୍ୱଚ୍ଛ, ସହଜ ଓ ଦ୍ରୁତ ସେବା ଦ୍ୱାରା ଲୋକମାନେ କିପରି ଉପକୃତ ହେବେ ସେ ସମ୍ପର୍କରେ କୌଶଳ ନିର୍ଦ୍ଧାରଣ କରାଯିବ। ଉତ୍କୃଷ୍ଟ କୌଶଳ ପାଇଁ ସମ୍ମାନିତ କରାଯିବ ବୋଲି ଦାସ ସୂଚନା ଦେଇଥିଲେ। ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସହକାରୀ ଜିଲାପାଳ କାଜଲ ପ୍ରଧାନ, ତିଳୋତ୍ତମା ପୃଷ୍ଟି, ଯାଜପୁର ବ୍ଲକ୍ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତି ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢଗ ଶିଖିଥିଲି କାହାଣେ ଛକୋଡ଼ି**
**ଗୀତ ଶିଖିଥିଲି ପଣେ**
**ଯେଦିନୁ ମାଡ଼ିଲି ଯାଙ୍କରି ଘର**
**ସବୁ ପାସୋରିଲି କ୍ଷଣେ ।**

ବାହା ହୋଇ ଝିଅ ଯେବେ ଶାଶୁଘରକୁ ବୋହୂ ହୋଇ ଯାଏ, ସେତେବେଳେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁପରିମାଣରେ ବଢ଼ିଯାଏ। ଘର ପରିବାର ସମ୍ଭାଳିବା ଭିତରେ ସେ ସମୟକ୍ରମେ ବାପଘରର ମଧୁର ସ୍ମୃତିଗୁଡ଼ିକୁ ପାସୋରି ଦେଇଥାଏ। ସାଧାରଣତଃ ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ନିଜ ଅତୀତ କଥା ଭାବିବାକୁ ସମୟ ପାଇ ନ ଥାନ୍ତି। ଏପରିସ୍ଥଳେ ବାପଘରୁ ଢଗ ଭଳି କିଛି ଶିକ୍ଷଣୀୟ କଥା ଶିଖି ଆସିଥିବା ଝିଅ ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡ଼ିରହି ସେସବୁ ମନରୁ ପାସୋରି ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢଳିଗଲା ବନ**
**ବଳିଗଲା ମନ**
**ଲେଉଟି ନ ଆସେ ଆଉ ।**

ଥରେ ଯାହା ଘଟି ଯାଇଥାଏ ତାହା ଆଉ ପୁନଃ ଫେରି ଆସି ନ ଥାଏ। ବଣ ଥରେ ଉଜୁଡ଼ି ଗଲେ ଆଉ ସେ ଶୋଭାବନ ହୋଇପାରି ନ ଥାଏ। ସେହିପରି ମନ ଥରେ ଟଳିଗଲେ ବା ବଦଳିଗଲେ ଆଉ ପୁନଃ ତରଳି ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ରଘୁନାଥପୁର ବିଡିଓଙ୍କ ବଦଳି

**ରଘୁନାଥପୁର, ୨୫।୧ (ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବିଡିଓଙ୍କ ଅଚାନକ ନୟାଗଡ ଜିଲା ରଣପୁର ବ୍ଲକ ବଦଳି ହୋଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୨୦୩୧/୨୫।୧।୨୦୨୦ ଚିଠି ଅନୁଯାୟୀ ଏ ସମ୍ପର୍କରେ ଅବଗତ କରାଯାଇଛି। ପ୍ରକାଶ ଥାଉ କି ବିଡିଓ ପଞ୍ଚାନନ ପଟ୍ଟୟାତ ଦେଢବର୍ଷ ଧରି ରଘୁନାଥପୁରରେ ଅବସ୍ଥାନ କରିଥିଲେ। ଗତ ସାଧାରଣ ନିର୍ବାଚନ ପରେ ରାଜନୈତିକ ଚକ୍ରବ୍ୟୂହରେ ପେଷି ହୋଇ ବ୍ଲକ ଚଳାଇବା ତାଙ୍କ ପାଇଁ କାଠିକର ପାଠ ହୋଇଥିଲା। ଏପରି କି ଦୁଇ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ କରିବାରେ ସେ ଅସଫଳ ହୋଇଥିଲେ। ଆମ ଗାଁ ଆମ ବିକାଶ ତଥା ଜରୁରି କାଳୀନ ଫନୀ କାର୍ଯ୍ୟ କରାଯିବା ପାଇଁ ଆସିଥିବା ଅନୁଦାନ ଖର୍ଚ୍ଚ କରିବାରେ ସେ ବିଫଳ ହୋଇଥିଲେ। ବିଭିନ୍ନ ସମୟରେ ସେ ବିବାଦ ଘେରକୁ ଆସି ଯାଉଥିଲେ। ଦୀଘଦିନ ଧରି ବ୍ଲକରେ ଅଚଳାବସ୍ଥା ଲାଗି ରହିବା ପରେ ସାଧାରଣ ଲୋକ ପ୍ରଶାସନ ଉପରେ ବୀତସ୍ପୃହ ହୋଇପଡିଥିଲେ। ତେବେ ବିଡିଓଙ୍କ ବଦଳି ପରେ ପୁନର୍ବାର ବ୍ଲକ ସଚଳ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# 'ସ୍ୱଚ୍ଛ, ନିର୍ମଳ ଜଗତ୍‌ସିଂହପୁର' କାର୍ଯ୍ୟକ୍ରମ



ସ୍ୱଚ୍ଛ, ନିର୍ମଳ ଜଗତ୍‌ସିଂହପୁର କାର୍ଯ୍ୟକ୍ରମରେ ଯୋଗଦେଇଥିବା ଯୁବକ।

**ରାହାମା,୨୫।୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ସାମାଜିକ କର୍ମୀ ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ଦ୍ୱାରା ପ୍ରତିଷ୍ଠିତ ଏଫ୍‌ଆଇଏନ୍‌ଆଣ୍ଡ ଓଆଇଜି ପକ୍ଷରୁ 'ସ୍ୱଚ୍ଛ ଜଗତ୍‌ସିଂହପୁର, ନିର୍ମଳ ଜଗତ୍‌ସିଂହପୁର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ସଭାପତି ଶ୍ରୀପତି ଲେଙ୍କା, ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ, ସହସମ୍ପାଦକ ଅରବିନ୍ଦ ସ୍ୱାଇଁ, ସୁନୀଲ ରଣା, ସଦସ୍ୟ ଇନ୍ଦ୍ରନୀଳମଣୀ ମଲ୍ଲିକ, ସାଧାରଣ ସଭ୍ୟ ବିଶ୍ୱରଞ୍ଜନ ଲେଙ୍କା, ସ୍ମୃତିରଞ୍ଜନ ଚୌଧୁରୀ, ସାଇ ପ୍ରଭଞ୍ଜନ ମହାପାତ୍ର, ଶକ୍ତି ପ୍ରସାଦ ଜେନା, ନିରଞ୍ଜନ ଦାସ, ବାପୁନି ନାୟକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦେଇ ଜଗନ୍ନାଥପୁରରେ ଥିବା ଗଣେଶମନ୍ଦିରଠାରୁ ନାଳପୋଲ ପର୍ଯ୍ୟନ୍ତ ସଫେଇ କରିଥିଲେ।

# ମହିଳା ଟାଣିଲେ ଲକ୍ଷ୍ମଣରେଖା

## ପ୍ରସ୍ତାବିତ ଚିଙ୍ଗୁଡି ପ୍ରକ୍ରିୟାକରଣ ପ୍ରକଳ୍ପକୁ ବିରୋଧ



ଆନ୍ଦୋଳନରତ ଜଣେ ମହିଳା ଲକ୍ଷ୍ମଣରେଖା ଟାଣୁଛନ୍ତି।

**ଏରସମା,୨୫।୧(ସ୍ୱ.ପ୍ର.)**

ଏରସମା ଥାନା ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତସ୍ଥିତ ଶରବା ଗ୍ରାମ ନିକଟରେ ପ୍ରସ୍ତାବିତ ଚିଙ୍ଗୁଡି ପ୍ରକ୍ରିୟାକରଣ ପ୍ରକଳ୍ପ ବିରୋଧରେ ଗତ ୨୧ ତାରିଖରୁ ଚାଲିଥିବା ଆନ୍ଦୋଳନ ଶନିବାର ୫ମ ଦିନରେ ପହଞ୍ଚିଛି। ଶତାଧିକ ଆନ୍ଦୋଳନକାରୀ ମହିଳା ଓ ପୁରୁଷ ଶୁକ୍ରବାର ଠିକାଦାରଙ୍କ ବାଲି ପୋତେଇ କାର୍ଯ୍ୟକୁ ବନ୍ଦ କରି ଦେଇଥିବାରୁ ଆନ୍ଦୋଳନ ଭିନ୍ନ ମୋଡ ନେଇଛି। ଏନେଇ ଠିକାଦାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତିର ସଭାପତି ଅଭୟ ସାହୁଙ୍କ ସହିତ ୧୪ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଏହି ଘଟଣାପରେ ଆନ୍ଦୋଳନକାରୀ ପ୍ରତିକ୍ରିୟାଶୀଳ ହୋଇ ଉଠିଛନ୍ତି। ପ୍ରଶାସନ ଓ ଠିକାଦାରଙ୍କୁ ସମ୍ପୃକ୍ତ ଅଞ୍ଚଳରେ ପୂରାଇ ନ ଦେବାକୁ ପ୍ରେମଲତା ଦାସ, ନୟନ ମଲ୍ଲିକ ଓ ରୁକ୍ମିଣୀ ପଇଟାଳଙ୍କ ସମେତ ଶତାଧିକ ମହିଳା ରାସ୍ତାରେ ଲକ୍ଷ୍ମଣ ରେଖା ଟାଣିଛନ୍ତି। ପ୍ରତିବାଦ ସଭାରେ ଅଭୟ ଉପସ୍ଥିତ ରହି କହିଛନ୍ତି, ଠିକାଦାରଙ୍କ ଏତଲା ଉପରେ ଏରସମା ଥାନାରେ ୩୦୭ଭଳି ସଙ୍ଗିନ ଦଫା ଲଗାଯାଇ ୧୪ ଜଣ ଛାମୁଆ କର୍ମୀଙ୍କ ସହିତ ୪୦ ଜଣ ସାଧାରଣ ଆନ୍ଦୋଳନକାରୀଙ୍କ ନାମରେ ମାମଲା ରୁଜୁ କରାଯାଇଛି। ମାତ୍ର ସେହିଦିନ ଅଭୟ ଅନୁପସ୍ଥିତ ଥାଇ ମଧ୍ୟ ତାଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ସେ କହିଛନ୍ତି। ଠିକାଦାରଙ୍କୁ ଅଞ୍ଚଳରେ ପୁରାଇ ନ ଦେବା ପାଇଁ ଲକ୍ଷ୍ମଣ ରେଖା ଟାଣିବା ଏକ ସାଙ୍କେତିକ ଓ ବିରୋଧାତ୍ମକ ଚିହ୍ନ ବୋଲି ଅଭୟ କହିଛନ୍ତି। ପ୍ରାଶାସନ ଯଦି ବଳ ପ୍ରୟୋଗ କରି ଠିକାଦାରଙ୍କୁ ଧରି ଏହି ଲକ୍ଷ୍ମଣ ରେଖାକୁ ଡେଇଁବ ତେବେ ପରିସ୍ଥିତି ଭୟଙ୍କର ହେବ ଏବଂ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଅଭୟ ଚେତାବନୀ ଦେଇଛନ୍ତି। ଭିଟାମାଟି ସୁରକ୍ଷା ସମିତିର ସଭାପତି ଅଭିଜିତ ସାହୁ, ସମ୍ପାଦକ ପ୍ରଶାନ୍ତ ରାଉତ, ବିଜୟ ସାହୁ ପ୍ରମୁଖ ଶତାଧିକ ମହିଳା ପୁରୁଷ ଏହି ଆନ୍ଦୋନରେ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଏହା ସରକାରଙ୍କ ପ୍ରକଳ୍ପ, ତେଣୁ ସବୁକିଛି ସରକାରୀ ନିୟମ ଅନୁସାରେ ହେବ। ବିରୋଧ ହେଲେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ। ଏ ସମ୍ପର୍କରେ ପଚାରିବାରୁ ତହସିଲଦାର ଚିତ୍ତରଞ୍ଜନ ମହନ୍ତଙ୍କୁ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଏରସମା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝିଙ୍କୁ ପଚାରିବାରେ ସେ କହିଥିଲେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସାଧାରଣଙ୍କ ନ୍ୟାୟିକ ଓ ଶାନ୍ତିପୂର୍ଣ୍ଣ ଦାବିକୁ ସମ୍ମାନ ଦିଆଯଏ। ମାତ୍ର ଯଦି କେହି ଆଇନ ଉଲ୍ଲଂଘନ କରନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ୬ରେ ବେଣୀପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ

**ଡେରାବିଶ, ୨୫।୧ (ସ୍ୱ.ପ୍ର.) :** ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର ପଞ୍ଚାୟତ ସରପଞ୍ଚ କନକଲତା ସାହୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ଦାବି ନେଇ ଗତ ୧୦ ତାରିଖରେ ୧୦ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଉପ-ଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର ଏହି ଅନାସ୍ଥା ପ୍ରସ୍ତାବ ପାଇଁ ରହିଥିବା ବିଭିନ୍ନ ସରକାରୀ ଆନୁସଙ୍ଗିକ କାର୍ଯ୍ୟର ତଦାରଖ ପରେ ଆସନ୍ତା ମାସ ୬ ତାରିଖରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପାଇଁ ଭୋଟ କରାଯିବାର ତାରିଖ ଧାର୍ଯ୍ୟ କରିଥିବା ଜଣାଯାଇଛି। ଅନାସ୍ଥା ଭୋଟ କେନ୍ଦ୍ରାପଡା ବ୍ଲକ ସଭାଗୃହରେ କରାଯିବା ପାଇଁ ଉପ-ଜିଲାପାଳ ନିର୍ଦ୍ଦେଶ ଜାରି କରିଥିବା ବେଳେ ଏଥିରେ ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରିଛନ୍ତି। ସେହିପରି ଡେରାବିଶର ଅତିରିକ୍ତ ତହସିଲଦାର ଭୋଳାନାଥ ସେଠୀଙ୍କୁ ମାଜିଷ୍ଟ୍ରେଟ ଭାବେ ନିଯୁକ୍ତି ଦିଆଯାଇଛି । ଆଇନଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯିବ । ସରପଞ୍ଚଙ୍କ ବିରୋଧରେ ହେବାକୁ ଥିବା ଭୋଟିଂରେ ୧୩ ଗୋଟି ୱାର୍ଡକୁ ନେଇ ଗଠିତ ବେଣୀପୁର ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଅଂଶଗ୍ରହଣ କରିବେ। ନିର୍ବାଚନର ୧୫ ଦିନ ଆଗରୁ ସଂପୃକ୍ତ ପଞ୍ଚାୟତର ସରପଞ୍ଚ ଓ ନିର୍ବାଚନରେ ଭାଗ ନେବାକୁ ଥିବା ୱାର୍ଡ ସଭ୍ୟାସଭ୍ୟମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ଏହି ନିର୍ବାଚନ ପାଇଁ ବେଣୀପୁର ପଞ୍ଚାୟତରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ସରପଞ୍ଚ କନକଲତାଙ୍କ ମନମୁଖି ଓ ଜନ ବିରୋଧୀ କାର୍ଯ୍ୟକଳାପ ବିରୋଧରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

### ସପ୍ତମ ଦିବାକର ଶର୍ମା ସ୍ମାରକୀ କ୍ରିକେଟ: ବହୁରୂପା ପାରିନୂଆପଡ଼ା ସେମିରେ

**ଆଲି,୨୫।୧(ଡି.ଏନ.ଏ.)**-ଆଲି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ସପ୍ତମ ଦିବାକର ନାଥଶର୍ମା ମେମୋରିଆଲ ୪୦ ତମ ଭିନୁମଙ୍କଡ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ବହୁରୂପା କ୍ରିକେଟ କ୍ଲବ ପାରିନୂଆପଡା ସହିତ ଇଲେଭେନ ଷ୍ଟାର ଯାଜପୁର ଏଥିରେ ପରସ୍ପରକୁ ଭେଟିଥିଲେ। ଯାଜପୁର ଇଲେଭେନ ଷ୍ଟାର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୮ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା। ଜବାବରେ ବହୁରୂପା କ୍ରିକେଟ କ୍ଲବ ୨୧ ଓଭରରେ ୩ ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଅତିଥି ଭାବେ ସମାଜସେବୀ କୃଷ୍ଣଚନ୍ଦ୍ର ପଣ୍ଡା ଓ ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ ଯୋଗ ଦେଇଥିଲେ । ବହୁରୂପା କ୍ରିକେଟ ଟିମର ଶେଖର ଦାସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ କୃଷ୍ଣଚନ୍ଦ୍ର ପଣ୍ଡା ପୁରସ୍କୃତ କରିଥିଲେ । ମ୍ୟାଚ୍‌କୁ ଜଗନ୍ନାଥ ଦାସ, ରଞ୍ଜିତ ମିଶ୍ର ଓ ନିରଞ୍ଜନ ଷଡଙ୍ଗୀ,ସୁଶାନ୍ତ କୁମାର ମଲିକ ପ୍ରମୁଖ ଅମ୍ପାୟର,ସାରଦା ସୁମନ ମଲିକ ସ୍କୋରର, ବିଶ୍ୱଜିତ ଅଧିକାରୀ ଭାଷ୍ୟକାର ଭାବେ ମ୍ୟାଚ ପରିଚାଳନା କରିଥିଲେ ।

# ଗାର୍ଡ ୱାଲ ନିର୍ମାଣରେ ଅନିୟମିତତା

## ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠାଇଲେ ଚାଷୀ

**କେନ୍ଦ୍ରାପଡା ଅଫିସ, ୨୪।୧**

କ୍ଷେତକୁ ଜଳର ସୁପରିଚାଳନା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ତେବେ ବିଭାଗୀୟ ଅଧିକାରୀଙ୍କ ପାଇଁ ଏହି ଯୋଜନା ତୃଣମୂଳ ସ୍ତରରେ ପହଞ୍ଚି ପାରୁନାହିଁ । ଏପରି ଏକ ଉଦାହରଣ ଜଳସମ୍ପଦ ବିଭାଗ ଅଧୀନ କେନ୍ଦ୍ରାପଡା ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ପାଣି ପଞ୍ଚାୟତ ମାଧ୍ୟମରେ ନିର୍ମାଣ ହୋଇଥିବା ଗାର୍ଡ ୱାଲ କାର୍ଯ୍ୟ ନିମ୍ନମାନର ହୋଇଥିବା ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଏପରି କି ଏହାର ସ୍ଥାୟିତ୍ୱ ନେଇ ସନ୍ଦେହ ଥିବା କହୁଥିବା ବେଳେ ଏହି ନିର୍ମାଣରେ ଅର୍ଥ ହରିଲୁଟ ହୋଇଥିବା ମତ ଦେଇଛନ୍ତି। ଏ ସମ୍ପର୍କରେ ଦେପୁରା ଗ୍ରାମର ଚାଷୀ ଜଗଦୀଶ ପତି, ଓସ୍ତପୁରର ହରି ମଳିକ, ଶାନ୍ତନୁ ସାମଲ ପ୍ରମୁଖ କହିଛନ୍ତି ଯେ, ବ୍ଲକ ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତର ଦେପୁରା ଓ ନାଗପୁରା ମୌଜାରେ ନିର୍ମାଣ କରାଯାଇଥିବା ଗାର୍ଡ ୱାଲ ଅତି ନିମ୍ନମାନର ହୋଇଛି । ସେହିପରି କଂସାର ପଞ୍ଚାୟତ ସାହାସପୁର ମୌଜାର ଜେନା ସାହି-ଫୋରଡ ବ୍ରାଞ୍ଚରେ ଏବଂ ଓସ୍ତପୁର ପଞ୍ଚାୟତ ସାରଙ୍ଗ ଓ ବୀରସ୍ୱତୀ ମଧ୍ୟରେ



କେନ୍ଦ୍ରାପଡା ବ୍ଲକ ଓସ୍ତପୁରଠାରେ ନିର୍ମିତ ଗାର୍ଡ ୱାଲ।

ଥିବା ୮ ନମ୍ବର ବ୍ରାଞ୍ଚ ପଟ୍ଟନାୟକ ସାହି ନିକଟରେ ଗାର୍ଡ ୱାଲ କାମ ନିମ୍ନମାନର ହୋଇଛି । ଦେପୁର ସ୍କୁଲ ନିକଟରେ ନିର୍ମାଣ କରାଯାଇଥିବା ଗାର୍ଡ ୱାଲରେ ୧୦ ଲକ୍ଷ ଟଙ୍କା, ନାଗପୁର ମୌଜାରେ ୧୨ ଲକ୍ଷ ଟଙ୍କା, ସାହସପୁର ପଡା ଗ୍ରାମ ହଳଦିଡିହ-ଫୋରଡ ୯ ନମ୍ବର ନାଳରେ ଜେନା ସାହି ନିକଟରେ ନିର୍ମାଣ କରାଯାଇଥିବା ୩୦ ଲକ୍ଷ ଟଙ୍କା ଓ ବୀରସ୍ୱତୀ ମୌଜାର ପଟ୍ଟନାୟକ ସାହି ନିକଟରେ ୧୦ ଲକ୍ଷ ଟଙ୍କାର କାମ ପାଣି ପଞ୍ଚାୟତ ମାଧ୍ୟମରେ କରାଯାଇଛି । ଏହିସବୁ ନାଳରେ ନିର୍ମାଣ କରାଯାଇଥିବା ଗାର୍ଡ ୱାଲର ଉଚ୍ଚତା ୪ ରୁ ୫ ଫୁଟ ଥିବା ବେଳେ ପ୍ରସ୍ଥ ୩ ଫୁଟରୁ ୬ ଫୁଟ ରହିଛି । ନିୟମ ଅନୁଯାୟୀ ଏହି ୱାଲ ନିର୍ମାଣରେ ଆଇରନ ରଡ, ଉତ୍ତମମାନର ସିମେଣ୍ଟ ସହିତ ଚିପ୍ସ ଦିଆଯାଇ କାମ କରିବା ପାଇଁ ବ୍ୟବସ୍ଥା ହୋଇଛି । ତେବେ ବିଭାଗୀୟ ଅଧିକାରୀ ଓ ଠିକାଦାର ଏହାକୁ ଉଲ୍ଲଂଘନ କରି ଆଇରନ ରଡ ଦେଇ ନାହାନ୍ତି । ସେହିପରି ସିମେଣ୍ଟର ଭାଗ କମ ଅଛି । ଏପରି କି ଚିପ୍ସ ବଦଳରେ ଗୋଡିରେ ଗାର୍ଡ ୱାଲ ନିର୍ମାଣ କରାଯାଇଛି । ଏହି ନିର୍ମାଣ ସମୟରେ ତଳ ଭାଗକୁ ଢଳେଇ କରାଯାଇ ପରେ ୱାଲ ନିର୍ମାଣ କରାଯିବାକୁ ଚୁକ୍ତିପତ୍ରରେ ଉଲ୍ଲେଖ ଥିବା ବେଳେ ଏହାର ଉଲ୍ଲଂଘନ କରାଯାଇଛି । ଫଳରେ ଅନେକ ସ୍ଥାନରେ ୱାଲରେ ଫାଟ ଦେଖାଦେଇଛି । ଅଳ୍ପ ଦିନ ମଧ୍ୟରେ ଗାର୍ଡ ୱାଲ ଭାଙ୍ଗିପଡିବା ଆଶଙ୍କା ପାଇଛି । ଏହାଦ୍ୱାରା ଜଳସେଚନରେ ବାଧା ଉପୁଜିବ ବୋଲି ଅନେକ ଚାଷୀ ମତ ଦେଇଛନ୍ତି । ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ ରାଉତ କହିଛନ୍ତି ଯେ, ନିର୍ମାଣ ସମ୍ପର୍କରେ କୌଣସି ଅଭିଯୋଗ ଆସିନାହିଁ । ତେବେ ଏନେଇ ତଦନ୍ତ କରାଯାଇ ପରେ କାର୍ଯ୍ୟାନୁଷ୍ଠାନ ହେବ ।

# ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ




ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ବାହାରିଥିବା ସଚେତନତା ରାଲି ।

**କେନ୍ଦ୍ରାପଡା ଅଫିସ, ୨୫।୧**

ଜିଲାସ୍ତରୀୟ ଦଶମ ଜାତୀୟ ମତଦାତା ଦିବସ ଶନିବାର ପାଳିତ ହୋଇଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଉତ୍ସବରେ ଏଡିଏମ ବସନ୍ତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ସେ ଉପସ୍ଥିତ ମତଦାତାଙ୍କୁ ସଙ୍କଳ୍ପ ପାଠ କରାଇ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଗଣତନ୍ତ୍ରରେ ନାଗରିକଙ୍କ ସ୍ଥାନ ଶୀର୍ଷରେ । ସେମାନଙ୍କ ମତଦାନ ଫଳରେ ଶୃଙ୍ଖଳିତ ରାଷ୍ଟ୍ର ହୋଇ ପାରିଥିବା ସେ ପ୍ରକାଶ କରିଥିଲେ । ଯୁବ ଭୋଟର ନିଜର ନାମ ଭୋଟର ତାଲିକାରେ ପଞ୍ଜୀକରଣ କରି ଦେଶରେ ସୁସ୍ଥ, ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ସୃଷ୍ଟି ପାଇଁ ସେ ଆହ୍ୱାନ ଦେଇଥିଲେ । ସହକାରୀ ଜିଲାପାଳ ସମ୍ବିତ କୁମାର ଶତପଥୀ ଜିଲାର ଲୋକସଂଖ୍ୟା ଓ ଭୋଟର ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଶାସନିକ ଅଧିକାରୀ, ଭୋଟଦାତା ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଏଥିପାଇଁ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସକାଳ ୮ଟାରେ ଏକ ସଚେତନତା ରାଲି ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା । ଏହାକୁ ଏଡିଏମ ରାଉତ ଉଦ୍‌ଘାଟନ କରିଥିଲେ । ସୂଚନାଯୋଗ୍ୟ ଯେ, ଜିଲାରେ ମୋଟ ୧୨,୦୬,୫୨୧ ଭୋଟରଙ୍କ ନାମ ଭୋଟର ତାଲିକାରେ ଅଦ୍ୟାବଧି ସ୍ଥାନ ପାଇଛି ।

# ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମାଡ଼ ଅଭିଯୋଗ

**ରାଜନଗର,୨୫।୧(ଡି.ଏନ.ଏ.)**

ରାଜନଗର ବ୍ଲକର କୁରୁଣ୍ଟି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଜଣେ ଯୁବକ ଧକ୍କା ମାରିବା ସହ ହତ୍ୟା ଧମକ ଦେଇଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, କୁରୁଣ୍ଟି ପଞ୍ଚାୟତର ସରପଞ୍ଚ ଜ୍ଞମର କୁମାର ସ୍ୱାଇଁ ଓ ନିର୍ବାହୀ ଅଧିକାରୀ ଚନ୍ଦନ କୁମାର ଦାସ ପଞ୍ଚାୟତ କାର୍ଯ୍ୟାଳୟରେ ଅଫିସ କାର୍ଯ୍ୟ କରୁଥିଲେ। ଏହି ସମୟରେ କୁରୁଣ୍ଟି ଗ୍ରାମର ଜଣେ ବ୍ୟକ୍ତି ଅଫିସ ଭିତରକୁ ପଶି ତାଙ୍କୁ କାହିଁକି ପ୍ରଧାନମନ୍ତ୍ରୀ ଆବାସ ମିଳିନାହିଁ ବୋଲି କହିବା ସହ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁ ଧକ୍କା ମାରି ଗାଳି ଗୁଲଜ କରିଥିଲେ। ଏପରି କି ମାରି ଦେବାକୁ ଧମକ ଦେଇଥିଲେ। ରାଜନଗର ଥାନାରେ ଏ ନେଇ ମାମଲା ରୁଜୁ ହୋଇଛି।

## ଏ ସପ୍ତାହର କାର୍ଯ୍ୟକ୍ରମ

### ୨୬।୧।୨୦୨୦ (ରବିବାର)

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ। **ସ୍ଥାନ**-କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆ, **ସମୟ**-ପୂର୍ବାହ୍ନ ୮ ଟା ୩୦ ମିନିଟ।
- ପୁନର୍ନବା ସାହିତ୍ୟ ସଂସଦ ଓ ସୁରେନ୍ଦ୍ର ଗବେଷଣା ଏକାଡେମୀର ବାର୍ଷିକ ଉତ୍ସବ। **ସ୍ଥାନ**-ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ, ଡେରାବିଶ, **ସମୟ**-ପୂର୍ବାହ୍ନ ୧୦ଟା।
- ଆନ୍ତଃଜିଲା ଜୁନିୟର କ୍ରିକେଟ କ୍ଲବ ଲିଗ୍ ପ୍ରତିଯୋଗିତା। **ସ୍ଥାନ**-ଅଙ୍ଗୁଳାଇ ଖେଳପଡିଆ, ମାର୍ଶାଘାଇ, **ସମୟ**-ପୂର୍ବାହ୍ନ ୯ଟା।

### ୨୭।୧।୨୦୨୦ (ସୋମବାର)

- ମିଳିତ ଜନଶୁଣାଣି ଶିବିର। **ସ୍ଥାନ**-ବ୍ଲକ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, **ସମୟ**-ପୂର୍ବାହ୍ନ ୧୦ ଟା ୩୦ ମିନିଟ।
- ବିପ୍ଲବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କୁ ଶ୍ରଦ୍ଧାଞ୍ଜଳି। **ସ୍ଥାନ**-ଆନନ୍ଦ ମାର୍ଗ, ଖଡିଅଙ୍ଗ, କେନ୍ଦ୍ରାପଡା, **ସମୟ**-ପୂର୍ବାହ୍ନ ୮ଟା।
- ଆନ୍ତଃଜିଲା ଜୁନିୟର କ୍ରିକେଟ କ୍ଲବ ଲିଗ୍ ପ୍ରତିଯୋଗିତା। **ସ୍ଥାନ**-ଗିରିଶ ଫିଲଡ ଖେଳପଡିଆ, ସାନମଙ୍ଗଳା, କେନ୍ଦ୍ରାପଡା, **ସମୟ**-ପୂର୍ବାହ୍ନ ୯ଟା।
- ସିସିସି ଚାଲେଞ୍ଜ କପ କ୍ରିକେଟ ଟୁର୍ନାମେଣ୍ଟ। **ସ୍ଥାନ**-କୋରୁଆ ହାଇସ୍କୁଲ ପଡିଆ, ଗରଦପୁର, **ସମୟ**-ପୂର୍ବାହ୍ନ ୯ଟା।

### ୨୮।୧।୨୦୨୦ (ମଙ୍ଗଳବାର)

- ଆନ୍ତଜିଲା ଜୁନିଅର କ୍ରିକେଟ କ୍ଲବ ଲିଗ ପ୍ରତିଯୋଗିତା। **ସ୍ଥାନ**-ଗିରିଶ ଫିଲଡ ଖେଳପଡିଆ, ସାନମଙ୍ଗଳା, କେନ୍ଦ୍ରାପଡା, **ସମୟ**-ପୂର୍ବାହ୍ନ ୯ଟା।
- ସିସିସି ଚାଲେଞ୍ଜ କପ କ୍ରିକେଟ ଟୁର୍ନାମେଣ୍ଟ। **ସ୍ଥାନ**-କୋରୁଆ ହାଇସ୍କୁଲ ପଡିଆ, ଗରଦପୁର, **ସମୟ**-ପୂର୍ବାହ୍ନ ୯ଟା।

### ୨୯।୧।୨୦୨୦ (ବୁଧବାର)

- ଆନ୍ତଃଜିଲା ଜୁନିୟର କ୍ରିକେଟ କ୍ଲବ ଲିଗ ପ୍ରତିଯୋଗିତା। **ସ୍ଥାନ**-ଅଙ୍ଗୁଳାଇ ଖେଳପଡିଆ, ମାର୍ଶାଘାଇ, **ସମୟ**-ପୂର୍ବାହ୍ନ ୯ଟା।
- ସିସିସି ଚାଲେଞ୍ଜ କପ କ୍ରିକେଟ ଟୁର୍ନାମେଣ୍ଟ। **ସ୍ଥାନ**-କୋରୁଆ ହାଇସ୍କୁଲ ପଡିଆ, ଗରଦପୁର, **ସମୟ**-ପୂର୍ବାହ୍ନ ୯ଟା।

### ୩୦।୧।୨୦୨୦ (ଗୁରୁବାର)

- ଆନ୍ତଃଜିଲା ଜୁନିୟର କ୍ରିକେଟ କ୍ଲବ ଲିଗ ଉଦ୍‌ଯାପନୀ ପ୍ରତିଯୋଗିତା। **ସ୍ଥାନ**-ଟାଉନ ହାଇସ୍କୁଲ ପଡିଆ, କେନ୍ଦ୍ରାପଡା, **ସମୟ**-ପୂର୍ବାହ୍ନ ୯ଟା।
- ସିସିସି ଚାଲେଞ୍ଜ କପ କ୍ରିକେଟ ଟୁର୍ନାମେଣ୍ଟ। **ସ୍ଥାନ**-କୋରୁଆ ହାଇସ୍କୁଲ ପଡିଆ, ଗରଦପୁର, **ସମୟ**-ପୂର୍ବାହ୍ନ ୯ଟା।
- କାଳୀଦାସ ସମ୍ମାନ ପ୍ରଦାନ ଉତ୍ସବ। **ସ୍ଥାନ**-ବବକରପୁର, ମହାକାଳପଡା, **ସମୟ**-ଅପରାହ୍ନ ୫ଟା।
- ଶ୍ରୀ ବଳଦେବଜୀଉଙ୍କ କାଞ୍ଚିକାବେରୀ ବେଶ। **ସ୍ଥାନ**-ଇଚ୍ଛାପୁର, କେନ୍ଦ୍ରାପଡା **ସମୟ**-ଅପରାହ୍ନ ୫ଟା।
- ଶ୍ରୀ ବଳଦେବଜୀଉଙ୍କ ରଥକାଠ ଅନୁକୂଳ। **ସ୍ଥାନ**-ଇଚ୍ଛାପୁର, କେନ୍ଦ୍ରାପଡା **ସମୟ**-ସନ୍ଧ୍ୟା ୯ଟା।
- ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳନ। **ସ୍ଥାନ**-ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡା, **ସମୟ**-ପୂର୍ବାହ୍ନ ୧୦ଟା।

### ୩୧।୧।୨୦୨୦ (ଶୁକ୍ରବାର)

- ସିସିସି ଚାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟ। **ସ୍ଥାନ**-କୋରୁଆ ହାଇସ୍କୁଲ ପଡିଆ, ଗରଦପୁର, **ସମୟ**-ପୂର୍ବାହ୍ନ ୯ଟା।

# ଉତ୍କଳମଣି ଗୋପବନ୍ଧୁ ବିଦ୍ୟାପୀଠର ୩୪ତମ ବାର୍ଷିକ କ୍ରୀଡ଼ା

**ପଟ୍ଟାମୁଣ୍ଡାଇ,୨୫।୧(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦୋଷିଆ ପଞ୍ଚାୟତର ଉତ୍କଳମଣି ଗୋପବନ୍ଧୁ ବିଦ୍ୟାପୀଠର ୩୪ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ବେହେରା ଯୋଗ ଦେଇଥିଲେ। ଉତିକଣ ଚାଷୀମୂଳିଆ ସଂଗ୍ରାମ ସମିତିର ଆବାହକ ଭି. ରାଉତରାୟ, ଅକ୍ଷୟ କୁମାର ସାହୁ, ପତିତପାବନ ଭଦ୍ର, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଇଂ. ଶ୍ରୀକାନ୍ତ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପାଠ ପଢା ସହ ଶାରୀରିକ ସୁସ୍ଥତା ପାଇଁ କ୍ରୀଡାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସୁରେଶ ଚନ୍ଦ୍ର ବାୟୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚିତ୍ତରଞ୍ଜନ ଚଇନି ଧନ୍ୟବାଦ ଦେଇଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ଚଳିତବର୍ଷର ଚାମ୍ପିୟନ ଇପ୍ସାରାଣୀ ରାଉତଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ବିଜୟ କେତନ ପ୍ରଧାନ, ରବୀନ୍ଦ୍ର ବାରିକ, କ୍ରୀଡା ଶିକ୍ଷକ ବଳରାମ ରାଉତ, ଶିବପ୍ରସାଦ ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଧାୟକ ସାହୁ ବିଦ୍ୟାପୀଠର ନୂତନ ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ।

# କେନ୍ଦ୍ରାପଡା ଜିଲାରେ ସଦ୍‌ଭାବନା ଯାତ୍ରା

**କେନ୍ଦ୍ରାପଡା ଅଫିସ,୨୫।୧**

ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ସମେତ ୧୦ ଗାନ୍ଧିବାଦୀ ସଂଗଠନ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ରାଜ୍ୟବ୍ୟାପୀ ସଦ୍‌ଭାବନା ଯାତ୍ରା ଝାରସୁଗୁଡା ଜିଲାରୁ ଆରମ୍ଭ ହୋଇଛି। ଏହି ସଦ୍‌ଭାବନା ଯାତ୍ରାର ଯାତ୍ରୀମାନେ ଶନିବାର କେନ୍ଦ୍ରାପଡା ଜିଲାରେ ଗାନ୍ଧୀ ବାର୍ତ୍ତା ପ୍ରଚାର କରିଛନ୍ତି । ଶୁକ୍ରବାର ଏହି ଯାତ୍ରୀମାନେ ଇନ୍ଦୁପୁରଠାରେ ପହଞ୍ଚିଥିବା ବେଳେ ପରଦିନ ସହର ପରିକ୍ରମା କରିଥିଲେ । ଏହି ଅବସରରେ ପୁରୁଣା ବସଷ୍ଟାଣ୍ଡଠାରେ ଏକ ସଦ୍‌ଭାବନା ସଭା ହୋଇଥିଲା । ଜିଲା ସଂଯୋଜକ ଆଦିକନ୍ଦ ରାଉଳଙ୍କ ଅଧ୍ୟକ୍ଷତାରେ



ଇନ୍ଦୁପୁରଠାରେ ସଦ୍‌ଭାବନା ଯାତ୍ରାରେ ସାମିଲ ନେତୃମଣ୍ଡଳୀ।

ଆୟୋଜିତ ଏହି ସଭାରେ ଗାନ୍ଧିବାଦୀ ନେତା ଗୋଲଖ ଦାସ, ଜିଲା ସଭାପତି ଭଜକୃଷ୍ଣ ରାଉତ, ନଳିନୀକାନ୍ତ ପୃଷ୍ଟି, ପାର୍ଥସାରଥୀ ବେହେରା, ବାସନ୍ତୀ ସାହୁ, ରଞ୍ଜିତ ଦେହୁରୀ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ଅହିଂସା ବାର୍ତ୍ତା ସହ ସାଂପ୍ରତିକ ସମୟରେ ଗାନ୍ଧିଜୀଙ୍କ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ ।

# ଦେଶ ପ୍ରତି ନେତାଜୀଙ୍କ ଅବଦାନ ଅତୁଳନୀୟ

**କେନ୍ଦ୍ରାପଡା ଅଫିସ, ୨୫।୧**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଅଦ୍ୱିତୀୟ ଦେଶଭକ୍ତ, ଆଜୀବନ ବିପ୍ଳବୀ। ଦେଶ ସ୍ୱାଧୀନତା ସଂଗ୍ରାମର ସେ ଥିଲେ ମହାନାୟକ । ତାଙ୍କର ଗୋଟିଏ ଡାକରାରେ ବ୍ରିଟିଶ ସାମ୍ରାଜ୍ୟବାଦରେ ହୃତ୍‌କମ୍ପନ ସୃଷ୍ଟି ହେଉଥିଲା । ଦେଶ ପ୍ରତି ନେତାଜୀଙ୍କ ଅବଦାନ ଅତୁଳନୀୟ ବୋଲି ନେତାଜୀ ଜୟନ୍ତୀ ଅବସରରେ ଆୟୋଜିତ ଉତ୍ସବରେ ଯୋଗଦେଇ ଅତିଥିମାନେ ପ୍ରକାଶ କରିଥିଲେ । ଗୁରୁବାର ସହରର ଟାଉନ ହଲ ଠାରେ କେନ୍ଦ୍ରାପଡା ନେତାଜୀ ମଡେଲ ସ୍କୁଲ ଓ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସର ମିଳିତ ଉଦ୍ୟମରେ ୧୨୩ତମ ନେତାଜୀ ଜୟନ୍ତୀ ପାଳନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ କବି ଓ ପୂର୍ବତଟ ରେଳପଥର ବରିଷ୍ଠ ଜନ ସଂପର୍କ ଅଧିକାରୀ ନିରାକାର ଦାସ ଯୋଗଦେଇ ଉପରୋକ୍ତ ମତ ପ୍ରକାଶ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟଅତିଥି ଦାସ କହିଥିଲେ ଯେ,



ମୁଖ୍ୟଅତିଥି ନିରାକାର ଦାସ କୃତୀ ଛାତ୍ରୀ ଡି.କେ.ରାଜକିରଣଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପାଇଁ ଓଡ଼ିଶା ଗର୍ବିତ। କଟକ ମାଟିରେ ସେ ଜନ୍ମ ଗ୍ରହଣ କରି ସାରା ବିଶ୍ୱକୁ ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱରେ ଚମତ୍କୃତ କରିଛନ୍ତି । ମଡେଲ ସ୍କୁଲ ପରିଚାଳନା କମିଟି ସଭାପତି ନଳିନୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କେଏମବିବି ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ବୈରାଗୀ ଚରଣ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ନେତାଜୀଙ୍କ ଦେଶଭକ୍ତି ଓ ଭାରତ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ସଂପର୍କରେ ଆଲୋଚନା କରିଥିଲେ। ସାମାଜିକ କର୍ମୀ ରଣଧୀର ଜେନା, ପୂର୍ବତନ ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀ ଡି. କେ. ରାଜକିରଣଙ୍କୁ ସମ୍ବର୍ଦ୍ଧିତ ଦିଆଯିବା ସହ ଅନ୍ୟ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷ ଅଜୟ କୁମାର ପୃଷ୍ଟି, ସମ୍ପାଦକ ମହମ୍ମଦ ଜାହିଦ ଏହାକୁ ପରିଚାଳନା କରିଥିଲେ। ଏଥିସହିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ କରିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଡେରାବିଶ,୨୫।୧ (ସ୍ୱ.ପ୍ର.)**

ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ କରି ଗଢି ତୋଳିବାରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ମତବ୍ୟକ୍ତ କରିଛନ୍ତି । ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତର ଠାକୁରହାଟ ସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲର ୨ ଦିନିଆ ରୌପ୍ୟ ଜୟନ୍ତୀ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ସ୍କୁଲ ପରିସରରେ ଆୟୋଜିତ ଏହି ଉତ୍ସବକୁ ମନ୍ତ୍ରୀ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଉପରୋକ୍ତ ମତ ପ୍ରକାଶ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସ୍କୁଲର ମୁଖ୍ୟ ଉପଦେଷ୍ଟା ଶିକ୍ଷାବିତ୍ ଗୌରାଙ୍ଗ ପଣ୍ଡା ପୌରୋହିତ୍ୟ କରିଥିଲେ। ବ୍ରହ୍ମଚାରୀ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ମୁଖ୍ୟବକ୍ତା, ପାଟକୁରାର ଯୁବନେତା ସଞ୍ଜୟ ଅଗ୍ରୱାଲ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ , ବେଣୀପୁର ସମିତି ସଭ୍ୟ ଦେବାଶିଷ ଆଚାର୍ଯ୍ୟ ଓ ଜିଲା ଶିକ୍ଷାଧିକାରିଣୀ କଳ୍ପନା ବେହେରା




ଉତ୍ସବରେ ମନ୍ତ୍ରୀ ସମୀର ଦାଶ ଓ ଅନ୍ୟମାନେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତା ପିତା ସମାଜର ଅମୂଲ୍ୟ ସମ୍ପଦ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ଜୀବନର ପ୍ରଥମ ଗୁରୁ ଭାବେ ମାତା ପିତାଙ୍କୁ ଭକ୍ତିର ସହ ସେବା କରିବା ଉପରେ ଗୁରୁତ୍ୱାରୋପ କରିବା ସହ ବିଦ୍ୟାଦାତା ଶିକ୍ଷୟିତ୍ରୀ ଶିକ୍ଷକ ଓ ସମସ୍ତ ଗୁରୁଜନଙ୍କୁ ସମ୍ମାନ ଦେବାକୁ ଅତିଥିମାନେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କୁଶିଆପାଳ ସରପଞ୍ଚ ପ୍ରଭାତୀ ସାହୁ, ସମିତି ସଭ୍ୟା ନିରୁପମା ବେହେରା, ଗୁଆଳସିଂ ସରପଞ୍ଚ ବଙ୍କକୃଷ୍ଣ ସେଠୀ, ସ୍କୁଲ ପରିଚାଳନା ସମିତି ସଭାପତି ରତ୍ନାକର ସାହୁ, ସମ୍ପାଦକ ନାରାୟଣ ପାତ୍ର ଓ ସଭ୍ୟ କୈଳାସ ଚନ୍ଦ୍ର ନାଥ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ମଥୁରାନନ୍ଦ ସାହୁ, ଖବରକାଗଜ ବିତରକ କିଶୋର କୁମାର ଦାସ, ହୃଷୀକେଶ ସାହୁ ଓ କ୍ଷୀରୋଦ କୁମାର ସାହୁଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ସ୍କୁଲରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ହୃଷୀକେଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ଅଧ୍ୟକ୍ଷା ପ୍ରମୋଦା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ଜ୍ଞାନେଶ୍ୱର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସେହିପରି ଶନିବାର ରୌପ୍ୟ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବରେ ବିଡିଓ ଗୋପବନ୍ଧୁ ଭୋସାଗର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ରତ୍ନାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନରହରି ସୂତାର ଓ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାଚୀନ ଗୁରୁକୁଳ ପରମ୍ପରା ଉପରେ ଆଲୋକପାତ କରିଥିଲେ। ପରିଚାଳନା କମିଟି ସଂପାଦକ ନାରାୟଣ ପ୍ରସାଦ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗଣେଶ ପ୍ରସାଦ ପୋତାଳ ଧନ୍ୟବାଦ ଦେଇଥିଲେ । ୨ ଦିନ ଧରି ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।




# ମହିଳା କନ୍‌ଷ୍ଟେବଲ ଗିରଫ

## ଧର୍ମଶାଳା ନାବାଳିକା ଅପହରଣ ଘଟଣା

**ଧର୍ମଶାଳା୨୫।୧(ଡି.ଏନ୍.ଏ.):** ଧର୍ମଶାଳା ଅଞ୍ଚଳର ଜନୈକା ନାବାଳିକା ଅପହରଣ ଅଭିଯୋଗ ଘଟଣାରେ ପୋଲିସ ଶନିବାର ମୁଖ୍ୟ ଅଭିଯୁକ୍ତ ପିଣ୍ଟୁଙ୍କ ଭଉଣୀ ତଥା ଧର୍ମଶାଳା ଥାନାର କନଷ୍ଟେବଳ ରଞ୍ଜିତା ସାମଲଙ୍କୁ କୋର୍ଟଚାଲାଣ କରିଛି। ଏହି ଘଟଣାରେ ପୋଲିସ ପୂର୍ବରୁ ପିଣ୍ଟୁଙ୍କ ସମେତ ୮ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଗତ ଗୁରୁବାର ଗିରଫ କଥା ଶୁଣି ମହିଳା କନଷ୍ଟେବଳ ରଞ୍ଜିତା ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ସଙ୍ଗେସଙ୍ଗେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ମେଡିକାଲରୁ ସୁସ୍ଥ ହୋଇ ଫେରିବା ପରେ ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି।

# ଭାଜପା ଦଳିତ ମୋର୍ଚ୍ଚା ପକ୍ଷରୁ ଆର୍ଥିକ ସହାୟତା ଦାବି

**ଧର୍ମଶାଳା,୨୫।୧(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅଞ୍ଚଳରେ ଗତ୧୪ତାରିଖରେ ନାବାଳିକା ଅପହରଣ ଘଟଣାକୁ ନେଇ ରାଜ୍ୟ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ସୁଶାନ୍ତ କୁମାର ମଲିକଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲା ଦଳିତମୋର୍ଚ୍ଚା ସଭାପତି ଗୁରୁଚରଣ ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ପୀଡ଼ିତା ପରିବାରକୁ ଭେଟି ଆର୍ଥିକ ସହାୟତା ପାଇଁ ଦାବି କରିଛନ୍ତି। ଜିଲା ଦଳିତ ମୋର୍ଚ୍ଚା ସଭାପତି ସେଠୀ, ଗୋବର୍ଦ୍ଧନ ସେଠୀ, ଜଗବନ୍ଧୁ ସେଠୀ, ବିଜୟ ମଲିକ, ପୂର୍ଣ୍ଣଚନ୍ଦ୍ର ସେଠୀ, ସୁଶାନ୍ତ ମଲିକ, ଈଶ୍ୱର ଚନ୍ଦ୍ର ପ୍ରଧାନ ପ୍ରମୁଖ ପୀଡ଼ିତା ପରିବାରକୁ ଭେଟିବା ସହିତ ପ୍ରଶାସନପକ୍ଷରୁ ୧୦ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବା ସହ ଉପଯୁକ୍ତ ନ୍ୟାୟ ପାଇଁ ଦାବି କରିଛନ୍ତି।

# ସପ୍ତାହକରେ ୪ଜଣଙ୍କ ମୃତ୍ୟୁ

## ଦନ୍ତା ନେଲା ଆଉ ଏକ ଜୀବନ, ୨ ଗୁରୁତର

**କଳିଙ୍ଗନଗର,୨୫।୧(ଡିଏନଏ)**

ଯାଜପୁର ଜିଲାରେ ଏକ ଦନ୍ତା ହାତୀ ଆତଙ୍କ ଖେଳାଇଛି। କେନ୍ଦୁଝର ଜିଲାରୁ ଆସିଥିବା ଏହି ଦନ୍ତାହାତୀ ଆକ୍ରମଣରେ ପୂର୍ବରୁ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶନିବାର ରାତିରେ ଆଉ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ଦାନଗଦି ବ୍ଲକ ଧୂଳିଗଡ଼ ପଞ୍ଚାୟତ ଧକଙ୍ଗି ଗ୍ରାମର ସତ୍ୟ ଜେନା(୧୫)। ଏହା ସହିତ ହାତୀ ଆକ୍ରମଣରେ ଏହି ବ୍ଲକର ଆଉ ୨ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତରମାନେ ହେଲେ ଉକ୍ତ ପଞ୍ଚାୟତ ମଠସାହିର ଯୋଗେଶ୍ୱର ଦାସ(୬୦) ଓ ମାନପୁର ବଙ୍ଗାଳି ସାହିର ଗିରିବାଳା ଦାସ(୬୦)। ଆହତମାନେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ଲୋକେ ହାତୀକୁ ଘଉଡ଼ାଉ ଥିବାବେଳେ ହାତୀଟି ବୁଲି ଆସି ସତ୍ୟଙ୍କୁ ଆକ୍ରମଣ କରିଥିଲା। ସତ୍ୟ ତଳେ ପଡ଼ିଯିବାରୁ ହାତୀଟି ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ସେହିପରି ଯୋଗେଶ୍ୱରଙ୍କ ଘରର ଗେଟ୍ ଭାଙ୍ଗି ତାଙ୍କୁ ହାତୀ ଆକ୍ରମଣ କରିଥିଲା। ମାତ୍ର ସେହି ସମୟରେ ତାଙ୍କ ପରିବାର ଲୋକେ ତାଙ୍କୁ ଘରକୁ ଟାଣି ଆଣିବାରୁ ତାଙ୍କ ଜୀବନ ରକ୍ଷା ପାଇଯାଇଥିଲା। ସୂଚନା ଥାଉକି, ଏହି ଦନ୍ତା ହାତୀ ଆକ୍ରମଣରେ ସପ୍ତାହକ ମଧ୍ୟରେ ଜିଲାରେ ୪ଜଣଙ୍କ ମୃତ୍ୟୁ ଘଟିସାରିଲାଣି। ଏହାସତ୍ତ୍ୱେ ବନବିଭାଗ ହାତୀଟିକୁ ଘଉଡ଼ାଇବାରେ ବିଫଳ ହୋଇଛି।







# ମରଣାନ୍ତକ ଆକ୍ରମଣରେ ପ୍ରଥମ ସ୍ୱାମୀ ମୃତ

## ପୁଅ ପାଇଁ ବଚସା, ମାରପିଟ

**କୋରେଇ,୨୫।୧(ସ୍ୱ.ପ୍ର):** ଯାଜପୁର ଜିଲା ପାଣିକୋଇଲି ଥାନା କରଦା ପଞ୍ଚାୟତ ପଳସା ଆଦିବାସୀ ସାହିରେ ପୁଅକୁ ନେଇ ପ୍ରଥମ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବଚସା ଓ ଗଣ୍ଡଗୋଳ ହୋଇଥିଲା। ଏହାପରେ ପ୍ରଥମ ସ୍ୱାମୀଙ୍କୁ ସ୍ତ୍ରୀ, ଦ୍ୱିତୀୟ ସ୍ୱାମୀ ଓ ତାଙ୍କ ସହଯୋଗୀ ମିଶି ମରଣାନ୍ତକ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ପ୍ରଥମ ସ୍ୱାମୀଙ୍କ ନାମ ନକୁଳ ମୁଣ୍ଡା ବୋଲି ଜଣାପଡ଼ିଛି। ଏହି ଘଟଣାରେ ପୋଲିସ ଦ୍ୱିତୀୟ ସ୍ୱାମୀ ଓ ତାଙ୍କ ସହଯୋଗୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପ୍ରକାଶ ଯେ, ନକୁଳଙ୍କୁ ତାଙ୍କ ସ୍ତ୍ରୀ ରେରେ ମୁଣ୍ଡା ଆଜକୁ ୬ବର୍ଷ ତଳେ ଛାଡ଼ି ଶିବ ମୁଣ୍ଡା ନାମକ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ତେବେ ସେମାନଙ୍କ ପୁଅ ନକୁଳଙ୍କ ପାଖରେ ରହିଥିବାବେଳେ ରେରେ ପୁଅକୁ ନେବା ପାଇଁ ବହୁବାର ଉଦ୍ୟମ କରିଆସୁଥିଲେ। ଶୁକ୍ରବାର ନକୁଳ ଘରେ ନ ଥିବାବେଳେ ରେରେ ସେଠାରେ ପହଞ୍ଚି ପୁଅକୁ ନେଇ ଆସିଥିଲେ। ନକୁଳ ଘରକୁ ଫେରି ପୁଅକୁ ନ ପାଇ ରେରେ ପୁଅକୁ ନେଇଯାଇଥିବା ପଡ଼ୋଶୀଙ୍କଠାରୁ ଖବର ପାଇଥିଲେ। ଏହାପରେ ନକୁଳ ପୁଅକୁ ଆଣିବା ପାଇଁ ବଡ଼ବରୁଣେଇପଦା ଗ୍ରାମକୁ ଯାଇଥିଲେ। ସେଠାରେ ରେରେଙ୍କ ସହିତ ନକୁଳଙ୍କର ବଚସା ହୋଇଥିଲା। ଏହା ପରେ ଉଗ୍ରରୂପ ଧାରଣ କରିବାରୁ ରେରେଙ୍କ ଦ୍ୱିତୀୟ ସ୍ୱାମୀ ଶିବ ଓ ସହଯୋଗୀ ଫୁଲୁକା ମୁଣ୍ଡା ନକୁଳଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ନକୁଳ ଗୁରୁତର ଅବସ୍ଥାରେ ସେଠାରୁ ଦୌଡ଼ିଯାଇ ରାସ୍ତାକଡ଼ରେ ପଡ଼ିଯାଇଥିଲେ। ସେଠାରୁ ନକୁଳଙ୍କ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଯାଜପୁର ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ମେଡିକାଲକୁ ନେଇଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୬ ଜାନୁୟାରୀ, ୨୦୨୦



# ଜାଲ କାଗଜପତ୍ରରେ ଚାଲିଛି ମହାବିଦ୍ୟାଳୟ

- ସଂସ୍କୃତ ଶିକ୍ଷା ନାମରେ ଠକେଇ
- ତଦନ୍ତ ଆରମ୍ଭ କଲା ଆର୍‌ଡିଇ
- ୨୯ରେ ସବିଶେଷ ତଥ୍ୟ ସହ ବ୍ୟକ୍ତିଗତ ଉପସ୍ଥିତ ହେବାକୁ ନିର୍ଦ୍ଦେଶ

ଯାଜପୁର ଅଫିସ,୨୫।୧

ଯାଜପୁର ଜିଲାରେ ଜାଲ କାଗଜପତ୍ର ପ୍ରସ୍ତୁତ କରି ଏକ ପରିବାର ସଂସ୍କୃତ ଶିକ୍ଷା ନାମରେ ବ୍ୟବସାୟ ଚଳାଇଛନ୍ତି। ଏହି ପରିବାରର ସମସ୍ତ ସଦସ୍ୟ ବିଭିନ୍ନ ଅନିୟମିତତା କରି ୫ଟି ସଂସ୍କୃତ ମହାବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ସେଥିମଧ୍ୟରୁ ୨ଟି ସରକାରୀ ଅନୁଦାନପ୍ରାପ୍ତ। ଏହିସବୁ ମହାବିଦ୍ୟାଳୟରେ ନିୟମିତ ଛାତ୍ରୀଛାତ୍ର ଆସୁ ନ ଥିଲେ ହେଁ କେବଳ ପ୍ରମାଣପତ୍ର ବିକ୍ରି କରାଯାଇଥାଏ। ଏନେଇ ଅଭିଯୋଗ ହେବା ପରେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ(ଆରଡିଇ) ତଥ୍ୟମୂଳକ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୯।୧।୨୦୨୦ ତାରିଖ ପୂର୍ବାହ୍ନ ସାଢେ ୧୧ଟା ସମୟରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ଆବଶ୍ୟକ ଫଟୋକପି ଏବଂ ଓରିଜିନାଲ ଡୋକୁମେଣ୍ଟ ସହ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବାକୁ ପତ୍ରସଂଖ୍ୟା ୧୧୧୪/ ୨୪।୧।୨୦୨୦ରେ ଦର୍ଶାଯାଇଛି।

ଚଳିତ ମାସ ୭ତାରିଖରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ନିକଟରେ ଜାଲ ସଂସ୍କୃତି ମହାବିଦ୍ୟାଳୟ ସଂକ୍ରାନ୍ତରେ ଅଭିଯୋଗ ହୋଇଥିଲା। ଯାଜପୁର ଜିଲା ଶ୍ୟାମସୁନ୍ଦରପୁରଠାରେ ସ୍ଥାପିତ ସଂସ୍କୃତ ମହାବିଦ୍ୟାଳୟ ୨୦୦୭ରେ କାଗଜ କଲମରେ ପ୍ରତିଷ୍ଠା କରାଯାଇଥିଲା। ସେହି ସମୟରେ ମହାବିଦ୍ୟାଳୟ ଖୋଲିବା ପାଇଁ କୌଣସି ସରକାରୀ ସ୍ୱୀକୃତି ନିଆଯାଇ ନ ଥିଲା। ୨୦୦୯ରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏହି ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରଥମଥର ପରୀକ୍ଷା ଦେଇଥିଲେ। ୨୦୧୦ରେ ଏହାର ପରିଚାଳନା କମିଟି ହାଇକୋର୍ଟଙ୍କୁ ଭୂଲ ତଥ୍ୟ ପ୍ରଦାନ କରି ସ୍ଥାୟୀ ସ୍ୱୀକୃତି ପାଇଥିଲେ। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଚ୍ଚଶିକ୍ଷା ବିଭାଗ ଠିକ ଭାବେ କାର୍ଯ୍ୟ ନ କରି ୨୦୦୫ରୁ ସ୍ଥାୟୀ ସ୍ୱୀକୃତି ପ୍ରଦାନ କରାଯାଇଛି। ସରକାରୀ ଅନୁଦାନ ହାତେଇବା ନିମନ୍ତେ ମହାବିଦ୍ୟାଳୟକୁ ୨୦୦୦ରୁ ପ୍ରତିଷ୍ଠା କରାଯାଇଥିବା ଦର୍ଶାଯାଇ ଜାଲ କାଗଜପତ୍ର ଦାଖଲ କରାଯାଇଛି। ଉଚ୍ଚଶିକ୍ଷା ବିଭାଗର ସମ୍ପୃକ୍ତ ଅଧିକାରୀମାନେ ଏହାକୁ ଠିକ ତଦନ୍ତ ନ କରି ଅନୁଦାନ ପ୍ରଦାନ କରିଛନ୍ତି। ଏହି ମହାବିଦ୍ୟାଳୟ ପକ୍ଷରୁ ଦାଖଲ କରାଯାଇଥିବା ଟାବୁଲେସନ ରେଜିଷ୍ଟର(ଟିଆର)ଟିକୁ ଜାଲିଆତି କରାଯାଇଥିବା ଅଭିଯୋଗ ହୋଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ୨୦୦୯ରେ ଏହି ମହାବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ମାତ୍ର ୨୦୦୦ରୁ ୨୦୦୮ଯାଏ କୌଣସି ଛାତ୍ରୀଛାତ୍ର ପରୀକ୍ଷା ଦେଇନାହାନ୍ତି। ୨୦୧୧ ମସିହାରେ ଜାଲ ପରୀକ୍ଷାର୍ଥୀ ଓ କପି ପାଇଁ ଏହାର ଫଳାଫଳକୁ ମଧ୍ୟ ସ୍ଥଗିତ ରଖାଯାଇଥିଲା। ବାସ୍ତବରେ ଦାଖଲ ହୋଇଥିବା ଟିଆର ଜିଲାରେ ସମାନ ନାମରେ ଥିବା ଅନ୍ୟ ଏକ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କର ଅଟେ। ସେମାନଙ୍କ ନାମକୁ ଏପଟସେପଟ କରାଯାଇ ଜାଲ ଟିଆର ପ୍ରସ୍ତୁତ କରାଯାଇଛି। ଏହାବାଦ ୨୦୦୭ରୁ ୨୦୧୦ ପର୍ଯ୍ୟନ୍ତ ହୋଇଥିବା ନିଯୁକ୍ତ କର୍ମଚାରୀଙ୍କୁ ବାଦ ଦିଆଯାଇଛି। ଏପରିକି ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ଭାବେ ଅନିୟମିତତା କରାଯାଇଛି ବୋଲି ଅଭିଯୋଗ ହୋଇଛି। ତେବେ ଏହି ଅଭିଯୋଗକୁ ଭିତ୍ତି କରି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ୧୧ଟି ବିଷୟରେ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଓପନିଂ ପରମିଶନ ଲେଟର, ସୋସାଇଟି ରେଜିଷ୍ଟ୍ରେଶନ ସାର୍ଟିଫିକେଟ, ଜମି ସଂକ୍ରାନ୍ତୀୟ କାଗଜପତ୍ର, ସ୍ଥାୟୀ ମାନ୍ୟତା ପତ୍ର, ସ୍ଥାପନ ପାଇଁ ପରିଚାଳନା କମିଟିର ରିଜୋଲ୍ୟୁଶନ, କର୍ମଚାରୀ ନିଯୁକ୍ତି ସିଲେକ୍ସନ ପ୍ରୋସିଜ୍ୟୁଅର, କର୍ମଚାରୀ ଓ ଶିକ୍ଷକ ନିଯୁକ୍ତି ତଥ୍ୟ, ୨୦୦୦ରୁ ୨୦୧୯ ପର୍ଯ୍ୟନ୍ତ ଟାବୁଲେସନ ରେଜିଷ୍ଟାର କପି, ଉପସ୍ଥାନ ରେଜିଷ୍ଟାର, କ୍ୟାଶବୁକ, ବ୍ୟାଙ୍କ ବିବରଣୀ, ନୀରିକ୍ଷଣ ରିପୋର୍ଟ, ଅଧ୍ୟକ୍ଷଙ୍କ ନାମ ଏବଂ ସର୍ଭିସ ପାର୍ଟିକୁଲାର ଇତ୍ୟାଦି ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏନେଇ କଲେଜ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯିବାରେ କଲେଜରେ କୌଣସି ପ୍ରକାର ଅନିୟମିତତା ହେଉ ନାହିଁ। ତେବେ ସମସ୍ତ ପ୍ରକାର ତଦନ୍ତ ପାଇଁ ପ୍ରସ୍ତୁତ ଅଛୁ ବୋଲି କୁହାଯାଇଛି।

## ଅଙ୍ଗୀକାର ଅଭିଯାନ ଉଦଯାପିତ

ଯାଜପୁର ଟାଉନ,୨୫।୧ (ଡିଏନଏ)

ଅଙ୍ଗୀକାର ଅଭିଯାନ ଉଦଯାପନୀ କାର୍ଯ୍ୟକ୍ରମ ସଂସ୍କୃତି ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିବା ସହିତ ସହରାଞ୍ଚଳର ଅଧିବାସୀଙ୍କୁ ସୁବିଧା ଯୋଗାଇଦେବା ଓ ସ୍ୱାସ୍ଥ୍ୟ ସଚେତନତା କରିବା ପାଇଁ ଯାଜପୁର ପୌରାଞ୍ଚଳରେ ଉକ୍ତ ବ୍ୟବସ୍ଥା ସହାୟକ ହୋଇପାରିଛି ବୋଲି କହିଥିଲେ । ଜନସାଧାରଣଙ୍କ ହିତ ପାଇଁ ଆବର୍ଜନା ପୃଥକୀକରଣ, ଆବର୍ଜନାକୁ ସଦ୍‌ବ୍ୟବହାର, ପରିବେଶକୁ ସ୍ୱଚ୍ଛ ଓ ଆବର୍ଜନାମୁକ୍ତ ଉଦ୍ଦେଶ୍ୟରେ ବିଭିନ୍ନ ସଚେତନତା ସୃଷ୍ଟି କରାଯାଇଛି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଓଏସଡି ସୁଦର୍ଶନ ମିଶ୍ର, ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ପ୍ରମୁଖ ମଧ୍ୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ପୂର୍ବତନ ମନ୍ତ୍ରୀଙ୍କ ବିୟୋଗରେ ଶୋକସଭା

ଧର୍ମଶାଳା,୨୫।୧(ଡି.ଏନ୍.ଏ.): ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ବିୟୋଗରେ ଧର୍ମଶାଳା କଂଗ୍ରେସ ପକ୍ଷରୁ ଏକ ଶୋକ ସଭା ଶନିବାର ଅନୁଷ୍ଠିତ ହୋଇଛି। କୁମାରୀଠାରେ ଯୁବନେତା ମିହିର ଖୁଣ୍ଟିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ କିଶାନ ପଣ୍ଡା, କୃଷକ ନେତା ବସନ୍ତ ପରିଡା, ଜୋନ ସଭାପତି ସୁଧାକର ରାଉତ, ପ୍ରଫୁଲ କୁମାର ରାୟ, ନକୁଳ ଜେନା, ମିଲି ମଲିକ, ଦେବାଶିଷ ପରିଡା ପ୍ରମୁଖ ସ୍ୱର୍ଗତ ରାଉତଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତ ରାଉତଙ୍କ ବିୟୋଗରେ ଧର୍ମଶାଳା ପୂର୍ବତନ ବିଧାୟକ କାଙ୍ଗାଳୀ ଚରଣ ପଣ୍ଡା ଗଭୀର ଶୋକବ୍ୟକ୍ତ କରିଛନ୍ତି।

### ମହିଳାଙ୍କ ବେକରୁ ସୁନା ଚେନ ଲୁଟ୍ ଉଦ୍ୟମ

ଧର୍ମଶାଳା,୨୫।୧(ଡି.ଏନ୍.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ଭୂମିକା ହସ୍ପିଟାଲ ସମ୍ମୁଖରେ ଶୁକ୍ରବାର ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ ଉଦ୍ୟମ ବିଫଳ ହୋଇଛି। ମାତ୍ର ମହିଳାଜଣଙ୍କ ତଳେ ପଡ଼ି ଗୁରୁତର ଆହତ ହୋଇଛନ୍ତି। ବଡ଼ଚଣା ଥାନା ଅନ୍ତର୍ଗତ ସିହା ପଞ୍ଚାୟତ ଖରମଙ୍ଗୀ ଗ୍ରାମର ଦୀପ୍ତିମୟୀ ସାହୁ (୩୦) ତାଙ୍କ ସ୍ୱାମୀ ଚନ୍ଦନ କୁମାର ସାହୁଙ୍କ ସହିତ ଏକ ମୋଟର ସାଇକେଲରେ ଜାରକାକୁ ମାର୍କେଟିଂ କରିବା ପାଇଁ ଆସୁଥିଲେ। ଚଣ୍ଡିଖୋଲରୁ ତାଙ୍କ ପିଛା କରୁଥିବା ୨ ଜଣ ଲୁଟେରା ଭୂମିକା ହସ୍ପିଟାଲ ସମ୍ମୁଖରେ ଚେନ ଛଡ଼ାଇବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ଚେନ୍ ନ ଛିଡ଼ିବାରୁ ମହିଳା ଜଣଙ୍କ ବାଇକରୁ ଭାରସାମ୍ୟ ହରାଇ ତଳେ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଦୀପ୍ତିମୟୀଙ୍କ ଶ୍ୱଶୁର ଏନେଇ ଧର୍ମଶାଳା ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ୧୬ ନଂ ଜାତୀୟ ରାଜପଥ ଚଣ୍ଡିଖୋଲ ଠାରୁ ବାରବାଟୀ ମଧ୍ୟରେ ବାରମ୍ବାର ମୋଟର ସାଇକେଲ ଲୁଟେରା ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟକରି ଧରା ପଡୁ ନ ଥିବାରୁ ଉକ୍ତ ରାସ୍ତାରେ ମହିଳାମାନେ ସୁନା ଜିନିଷ ଲଗାଇ ଯିବାକୁ ଉଚିତ ମଣୁ ନାହାନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ୬ ଘଣ୍ଟା ଧରି ମିଲରଙ୍କ ଗାଡ଼ି ସମ୍ମୁଖରେ ବସିଲେ ଚାଷୀ


ଚାଷୀମାନେ ମିଲରଙ୍କ ଗାଡି ସମ୍ମୁଖରେ ବସି ରହିଛନ୍ତି।

**କମାରଡିହି ପ୍ରାଥମିକ କୃଷି ସମବାୟ ସମିତି**

- କୁଇଣ୍ଟାଲ ପ୍ରତି ୮ କିଲୋ କମ୍ କରି ଧାନ କିଣିବାକୁ କହିବାରୁ ଉତ୍ତେଜନା

ଯାଜପୁର ଅଫିସ,୨୫।୧

ଚାଷୀଙ୍କଠାରୁ ସମବାୟ ଜରିଆରେ ଧାନ କିଣିବାକୁ ଆସିଥିବା ମିଲର କୁଇଣ୍ଟାଲ ପ୍ରତି ୮ କିଲୋ କମ୍ କରି ଧାନ କିଣିବାକୁ କହିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଫଳରେ ଧାନ ବିକ୍ରି କରିବାକୁ ଆସିଥିବା ଚାଷୀମାନେ ମିଲରଙ୍କ ଟ୍ରକ ସମ୍ମୁଖରେ ଦୀର୍ଘ ୬ ଘଣ୍ଟାଧରି ବସି ରହିବା ପରେ ମିଲର ଧାନ କିଣିବା ଲାଗି ବାଧ ହୋଇଥିବା ଦେଖାଯାଇଛି।

ସୂଚନା ଯେ, କଟକ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କ (ସିସିବି) ଦଶରଥପୁର ଶାଖା ଅଧୀନରେ ଥିବା କମାରଡିହି ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଶନିବାର ପ୍ରଥମ ମଣ୍ଡି ଖୋଲା ଯାଇଥିଲା। ଏହି ମଣ୍ଡିରେ ଧାନ ଦେବାଲାଗି ପ୍ରଥମ ଦିନରେ ପ୍ରଦୀପ କୁମାର ନାୟକ, ପ୍ରଶାନ୍ତ କୁମାର ନାୟକ, ବିଶ୍ୱବିଜୟ ନାୟକ, ରଞ୍ଜନ କୁମାର ନାୟକ, ଲକ୍ଷ୍ମୀକାନ୍ତ ବାରିକ, ଧନେଶ୍ୱର ନାୟକ, ସବିତା ନାୟକ, ସଙ୍କର୍ଷଣ ବାରିକଙ୍କ ସମେତ ଅନେକ ଚାଷୀ ଟୋକନ କରିଥିବାବେଳେ ଚାଷୀଙ୍କଠାରୁ ଧାନ କିଣିବାକୁ ଆସିଥିବା ମିଲର ଧାନ କୁଇଣ୍ଟାଲ ପ୍ରତି ୮ କିଲୋ ବାଦ୍ ଦେବା ଓ ମୋଟା ଧାନ, ନାଲି ଧାନ ଆଦି ନ ନେବା ଉପରେ ସର୍ତ୍ତ କରିବାରୁ ଧାନ ଦେବାକୁ ଆସିଥିବା ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗାଡି ଖର୍ଚ୍ଚ କରି ମଣ୍ଡିକୁ ଧାନ ନେଇ ଆସିଥିବା ଚାଷୀ ମିଲରଙ୍କ ଏପରି କଥାରେ ପ୍ରତିକ୍ରିୟା ପ୍ରକାଶ କରି ଧାନ ନେବାକୁ ଆସିଥିବା ମିଲରଙ୍କ ଟ୍ରକ ସମ୍ମୁଖରେ ବସି ରହିଥିଲେ। ଧାନର ମାନକୁ ନେଇ କୁଇଣ୍ଟାଲ ପ୍ରତି ୩ରୁ ୪ କିଲୋ କଟାଯିବାକୁ ସର୍କୁଲାର ଥିବାବେଳେ ମିଲର ଧାନ କିଣା ଉପରେ ମୋଟା, ପତଳା କିମ୍ବା ନାଲି ଏପରି କୌଣସି ସର୍ତ୍ତ ରଖିବା ସର୍କୁଲାର ଗାଇଡ୍‌ଲାଇନ୍ ନ ଥାଇ ମିଲରଙ୍କ ଏପରି ମନ୍ତବ୍ୟ ଚାଷୀଙ୍କୁ କ୍ଷୁବ୍ଧ କରିଥିଲା। ଏନେଇ ଚାଷୀଙ୍କ ପକ୍ଷରୁ ସମବାୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଏଠାରେ ଧାନ କିଣିବାକୁ ଆସିଥିବା ଯାଜପୁର ଜିଲାର ସନ୍ତକା ରାଇସ୍‌ମିଲ୍‌ର ଗାଡି ସମ୍ମୁଖରେ ଚାଷୀ ୬ ଘଣ୍ଟା ଧରି ବସି ରହିବା ପରେ ମିଲର କୁଇଣ୍ଟାଲରେ ୪ କିଲୋ ବାଦଦେଇ ୧୯୭ କୁଇଣ୍ଟାଲ ୬୫ କେଜି ଧାନ କିଣିଥିବା କମାରଡିହି ପ୍ରାଥମିକ ସମବାୟ ସମ୍ପାଦକ ସୁବାଷ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

## ବଟେଶ୍ୱର ମହାଦେବ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଧର୍ମଶାଳା,୨୫।୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ କଦମପାଳସ୍ଥିତ ବଟେଶ୍ୱର ମହାଦେବ ପୀଠରେ ୪ ଦିନବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ, ଭଜନ ସନ୍ଧ୍ୟା ଓ ପାଲା ପରିବେଷଣ କରାଯାଇଥିଲା। ଶନିବାର ଅଧ୍ୟାପକ ଚନ୍ଦନ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ। ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର, ଶିଶୁ ସାହିତ୍ୟିକ ଅଭିମନ୍ୟୁ ଧଳ, ସମାଜସେବୀ ବଟକୃଷ୍ଣ ବିଶ୍ୱାଳ, ପୁରୁଷୋତ୍ତମ ପ୍ରଧାନ, ନିଧି ପ୍ରଧାନ, ସୁବୋଧ ପ୍ରଧାନ, ମହନୀ ପ୍ରଧାନ, ପ୍ରତାପ କୁମାର ନାଥ, ବାସୁଦେବ ମିଶ୍ର ଓ ମଦନ ମୋହନ ଘଡ଼େଇଙ୍କୁ ବିଭିନ୍ନ ପଦପଦବୀ ସହ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାବା ସର୍ବେଶ୍ୱର ଦାଶ, ବଟକୃଷ୍ଣ ପ୍ରଧାନ, ଶମ୍ଭୁନାଥ ଜେନା, ଭରତ ଚନ୍ଦ୍ରପ୍ରଧାନ, ପର୍ଶୁରାମ ପ୍ରଧାନ, ଗୋପବନ୍ଧୁ ପ୍ରଧାନ, ବଳରାମ ପ୍ରଧାନ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଏହି ଅବସରରେ ସନାତନ ପ୍ରଧାନଙ୍କ 'ସବ୍ୟସାଚୀ ମଖି ଭଜନମାଳା' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସୂର୍ଯ୍ୟକାନ୍ତ ଜେନା ଧନ୍ୟବାଦ ଦେଇଥିଲେ।

## ଜାତୀୟ ମତଦାତା ଦିବସ ପାଳିତ



ଜିଲାପାଳ ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଯାଜପୁର ଅଫିସ,୨୫।୧

ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଦଶମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରରେ ଗଣ ବା ଜନତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଦୃଢ ଓ ପ୍ରଗତିଶୀଳ ଗଣତନ୍ତ୍ର ପାଇଁ ସମସ୍ତ ଭୋଟରଙ୍କ ମତଦାନ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ସହକାରୀ ଜିଲାପାଳ ତିଲୋତ୍ତମା ପୃଷ୍ଟି ଯୋଗ ଦେଇ ଗଣତନ୍ତ୍ର ସମ୍ପର୍କରେ ମତବ୍ୟକ୍ତି କରିଥିଲେ। ଶେଷରେ ଡେପୁଟି କଲେକ୍ଟର କାଜଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲାପାଳ ସମସ୍ତଙ୍କୁ ମତଦାତା ଦିବସର ଶପଥପାଠ କରାଇଥିଲେ। ଏହି ଅବସରରେ ସର୍କିଟହାଉସ ଠାରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ତାଲିମଧାରୀ ଛତୁଚାଷୀଙ୍କୁ ପ୍ରୋତ୍ସାହନ

**ଉଦ୍ୟାନ କୃଷି ବିଭାଗ**

ରସୁଲପୁର,୨୫।୧(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଛତୁଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁପ୍ରକ୍ରିୟା ଆରମ୍ଭ ହୋଇଛି। ବିଶେଷକରି ତାଲିମପ୍ରାପ୍ତ ଛତୁଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଉଛି। ନୂତନ ଭାବରେ ତାଲିମ ନେବା ପାଇଁ ଇଚ୍ଛୁକ ଚାଷୀଙ୍କୁ ଛତୁ ଚାଷ ଉପରେ ତାଲିମ୍ ଦେବାର ବନ୍ଦୋବସ୍ତ କରାଯାଉଛି। ପ୍ରକାଶ ଯେ, ଏହି ବ୍ଲକ ଅଞ୍ଚଳରେ ପାଳଛତୁ ଓ ଧିଙ୍ଗିର ଛତୁ ଚାଷ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଚାଷ କରିବା ପାଇଁ ପ୍ରଧାନମନ୍ତ୍ରୀ କୃଷି ବିକାଶ ଯୋଜନା ଜରିଆରେ ଛତୁ ଚାଷୀଙ୍କୁ ତାଲିମ ଦିଆଯାଇଛି। ତାଲିମପ୍ରାପ୍ତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ଚାଷୀମାନେ ଛତୁଚାଷୀ କରିବା ପାଇଁ ଇଚ୍ଛା ପ୍ରକଟ କଲେ ବିଭାଗ ପକ୍ଷରୁ ବ୍ୟାଙ୍କ ଋଣ ପ୍ରଦାନରେ ସହାୟତା ପ୍ରଦାନ କରାଯିବ। ଚାଷ ପାଇଁ ପ୍ରସ୍ତୁତ ଆକଳନକୁ ରିପୋର୍ଟ ଅନୁସାରେ ଚାଷୀଙ୍କୁ ଋଣ ପ୍ରଦାନ କରାଯିବ। ଏହି ଋଣ ଉପରେ ଶତକଡ଼ା ୪୫ ରୁ ୫୫ ପ୍ରତିଶତ ରିହାତି ପ୍ରଦାନ କରାଯିବ। ଏହାଛଡ଼ା ତାଲିମ ନେବାକୁ ଚାହୁଁଥିବା ଚାଷୀଙ୍କୁ ମାଗଣାରେ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏଥିସହ କୁଲ୍ ଚାମ୍ବର ଓ ଶୀତଳଭଣ୍ଡାର ସ୍ଥାପନ ଉପରେ ସରକାର ୫୦ଶତକଡା ରିହାତି ପ୍ରଦାନ କରୁଛନ୍ତି। ଏଦିଗରେ ଇଚ୍ଛୁକ ଉଦ୍ୟୋଗୀମାନେ ରସୁଲପୁର ବ୍ଲକ ଉଦ୍ୟାନ କୃଷି କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## ଆନ୍ତଃ କ୍ଲବ କ୍ରିକେଟ: କେଏନ୍‌ଏସ୍ ଯାଜପୁର ରୋଡ ବିଜୟୀ

ଧର୍ମଶାଳା,୨୫।୧(ଡି.ଏନ୍.ଏ.)

ଓଡିଶା କ୍ରିକେଟ ଆସୋସିଏଶନ ଓ ଜିଲା କ୍ରିକେଟ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର କେଏନ୍‌ଏସ୍ ଯାଜପୁର ରୋଡ ବିଜୟୀ ହୋଇଛି। ପ୍ରଥମେ ଯାଜପୁର ରୋଡ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ଓଭରରେ ସମସ୍ତ ୱିକେଟ ହରାଇ ୩୬୦ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରମଣ କୁମାର ଦାସ ୭୮ ଓ ଅଙ୍କିତ ପଣ୍ଡା ୬୧ ରନ କରିଥିଲେ। ବିପକ୍ଷ ଗୁଲ୍‌ଜାର ନଗର ପାଟଣା ଟିମ୍ ପକ୍ଷରୁ ମାନସ ରଞ୍ଜନ ସାହୁ ଓ କୁନାଲ ସ୍ୱାଇଁ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଗୁଲଜାର ନଗର ପାଟଣା ଟିମ୍ ୩୭.୧ ଓଭରରେ ସମସ୍ତ ୱିକେଟ ହରାଇ ୨୩୦ ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ସାୱନ ପହରିଆ ୧୧୨ ଓ ଶିବ ଶଙ୍କର ସିଂ ୩୬ ରନ କରିଥିଲେ। ବିପକ୍ଷ ଯାଜପୁର ରୋଡ ପକ୍ଷରୁ ସ୍ନେହାଶିଷ ଦାସ ୩ଟି ଓ ପ୍ରିତୀରଞ୍ଜନ ନାୟକ ୨ଟି ୱିକେଟ ନେଇଥିଲେ। ଏହି ଖେଳକୁ ଅମରେଶ ପରିଡା ଓ ଆଶୁତୋଷ ପାଣି ପରିଚାଳନା କରିଥିବାବେଳେ ଜିତେନ୍ଦ୍ର କୁମାର ସେନାପତି ଓ ବାସୁଦେବ ମିଶ୍ର ସ୍କୋରରେ ସହାୟତା କରିଥିଲେ। ରବିବାର କେଡିଏମ ଧର୍ମଶାଳା ସହିତ ଏସ୍‌ସିଏ ବାରଗାଡିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ଜ୍ଞାନଚାନ୍ଦ ଦାସ ଜଣାଇଛନ୍ତି।

## ରାଜ୍ୟରେ ଦ୍ୱିତୀୟ ପ୍ରଦୂଷିତ ସହର କଳିଙ୍ଗନଗର

### ବିଷ ବଳୟରେ ଶଢୁଛନ୍ତି ଅଞ୍ଚଳବାସୀ

ଯାଜପୁରର ଅଫିସ,୨୫।୧

ଶିଳ୍ପାୟନ ପ୍ରକ୍ରିୟାରେ ସମ୍ପୃକ୍ତ ଅଞ୍ଚଳର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) କାମ କରୁଛି। ଉକ୍ତ ପ୍ରଦୂଷଣରୁ ମୁକ୍ତ ରଖିବାକୁ ପ୍ରତ୍ୟେକ ଶିଳ୍ପାଞ୍ଚଳରେ ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକରେ ଡିଗ୍ରୀଧାରୀ ବୈଜ୍ଞାନିକମାନେ କାମ କରୁଛନ୍ତି। ଏମାନଙ୍କ କେବଳ ଦରମା ବାବଦକୁ ରାଜ୍ୟ ଓ କେନ୍ଦ୍ର ସରକାର ମାସିକ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ରହିଥିବା ଏସ୍‌ପିସିବିର ଆଞ୍ଚଳିକ କାର୍ଯ୍ୟାଳୟ ତାର ଦାୟିତ୍ୱକୁ ଭୁଲି ଯାଇଛି। ଗ୍ରୀନପିସ ନାମକ ଏକ ସଂସ୍ଥା ଦେଶର ୧୦୦ଟି ସହରର ପ୍ରଦୂଷଣ ଉପରେ କରିଥିବା ଏକ ସର୍ଭେ ରିପୋର୍ଟରୁ ଏହା ଜଳଜଳ ହୋଇ ଦିଶୁଛି। ଏହି ସର୍ଭେ ମୁତାବକ ଦେଶର ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ୫ଟି ସହର ରହିଛି। ସେଥିମଧ୍ୟରୁ ପାରାଦୀପ ପ୍ରଥମ ଓ ଯାଜପୁରର କଳିଙ୍ଗନଗର ଦ୍ୱିତୀୟ, ରାଉରକେଲା ତୃତୀୟ ଓ ତାଳଚେର ୪ର୍ଥ ସ୍ଥାନରେ ରହିଛି। ଏଥିଯୋଗୁ କଳିଙ୍ଗନଗରର ବାୟୁ ଲୋକଙ୍କ ପାଇଁ ଏବେ ବିପଦ ହୋଇଛି।

ଗ୍ରୀନପିସ ପକ୍ଷରୁ ହୋଇଥିବା ସର୍ଭେ ରିପୋର୍ଟ ଅନୁସାରେ ଦେଶର ଝାଡ଼ଖଣ୍ଡର ଝରିଆ ଦେଶର ସବୁଠାରୁ ପ୍ରଦୂଷିତ ସହର ଥିବାବେଳେ ରାଜଧାନୀ ଦିଲ୍ଲୀ ୧୦ମ ସ୍ଥାନରେ ରହିଛି। ଦେଶର ୧୦୦ଟି ପ୍ରଦୂଷିତ ସହର ମଧ୍ୟରେ ପାରାଦୀପ ୭୯ତମ ସ୍ଥାନରେ ରହିଥିବାବେଳେ କଳିଙ୍ଗନଗର ୮୪, ରାଉରକେଲା ୮୫, କଟକ ୮୮ ଓ ତାଳଚେର ୯୩ ତମ ସ୍ଥାନରେ ରହିଛି। ରାଜଧାନୀ ଭୁବନେଶ୍ୱର ତାଲିକାରେ ୧୨୬, ଝାରସୁଗୁଡ଼ା ୧୦୧, ଅନୁଗୋଳ ୧୨୩, ବଣାଇ ୧୨୫, ପରୀ ୧୪୫, ବାଲେଶ୍ୱର ୧୫୮, ସମ୍ବଲପୁର ୧୬୦, କୋଣାର୍କ ୧୭୮, ବ୍ରହ୍ମପୁର ୨୨୨ ଏବଂ ରାୟଗଡ଼ା ୨୨୭ତମ ସ୍ଥାନରେ ଥିବା ରିପୋର୍ଟରେ ପ୍ରକାଶ ପାଇଛି। ଏହି ସହରଗୁଡ଼ିକରେ ବାୟୁର ସ୍ଥିତି ବିଷାକ୍ତ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଧାର୍ଯ୍ୟ ମାନକଠାରୁ ଏସବୁ ସହରର ବାୟୁରେ ହାନୀକାରକ ତତ୍ତ୍ୱ ଯଥେଷ୍ଟ ଅଧିକ। ତେବେ ରାଜ୍ୟର ଅତି ପ୍ରଦୂଷଣ ସହର କଳିଙ୍ଗନଗରବାସୀ ଏଥିଯୋଗୁ ବାୟୁ ଓ ଜଳବାହିତ ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହାକୁ ଶିଳ୍ପପତିମାନେ ଭୂତଳ ଜଳ ପ୍ରଦୂଷଣର କାରଣ ବୋଲି କହୁଥିବାବେଳେ ବାସ୍ତବରେ ଶିଳ୍ପ କାରଖାନାର ପ୍ରଦୂଷଣ ହିଁ ଦାୟୀ ବୋଲି ଏଥିରୁ ପ୍ରମାଣିତ ହେଉଛି। ଅନ୍ୟପକ୍ଷେ କଳିଙ୍ଗନଗରକୁ ଷ୍ଟିଲ୍ ହବ ବୋଲି କୁହାଯାଉଥିବାବେଳେ ବାସ୍ତବରେ ଏବେ ଏହାକୁ ଦେଶର ସିମେଣ୍ଟ ରାଜଧାନୀ କୁହାଗଲାଣି। ଏସଂକ୍ରାନ୍ତରେ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାର ଏକ ସ୍ୱତନ୍ତ୍ର କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏହା କାର୍ଯ୍ୟକାରୀ ହେଲେ କଳିଙ୍ଗନଗର ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଦୂଷଣମୁକ୍ତ ହୋଇ ପାରିବ।



### ସେମାନଙ୍କ ମୁହଁରୁ ....



ସର୍ଭେର ପ୍ରଦୂଷଣ ପରୀକ୍ଷା ଯଦି ଡୁବୁରୀ, ବାରଗାଡ଼ିଆ, ମାନପୁର, ଦାନଗଦୀ, ତେଲିବାହାଲି, ଜଖପୁରା, ମାଣତିରା, ପଙ୍କପାଳ, ଗୋବରଘାଟି ଆଦି ସ୍ଥାନରେ କରାଯାଇଥାନ୍ତା, ତେବେ ଏହା ଦେଶର ସର୍ବାଧିକ ପ୍ରଦୂଷିତ ୧୦ ସହର ମଧ୍ୟରେ ସ୍ଥାନ ପାଇଥାନ୍ତା। ଅନ୍ୟଏକ ସଂସ୍ଥାଦ୍ୱାରା ଏହା ପୂର୍ବରୁ କରାଯାଇଥିବା ସର୍ଭେରେ ଉକ୍ତ ଅଞ୍ଚଳଗୁଡ଼ିକ ଅତି ପ୍ରଦୂଷିତ ଅଞ୍ଚଳ ବୋଲି କୁହାଯାଇଥିଲା। ତାଛଡ଼ା ସାଇକେଲ ସଚେତନତା ଶୋଭାଯାତ୍ରା କରାଗଲେ ପ୍ରଦୂଷଣମୁକ୍ତ ହୋଇପାରିବ ନାହିଁ। ଏଥିପାଇଁ ଏସ୍‌ପିସିବି ଚାପମୁକ୍ତ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି।

**– ଅଶ୍ୱିନୀ କୁମାର ଧଳ,**
**କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ସଭାପତି**



ସରକାରଙ୍କ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଦୁର୍ନୀତିଗ୍ରସ୍ତ ଲୋକଙ୍କ ଆଜ୍ଞା ହୋଇଛି। ଏଥିପାଇଁ ବିଭିନ୍ନ ଶିଳ୍ପ କାରଖାନା ନାମରେ ଥାନାରେ ଏତଲା ମଧ୍ୟ ଦିଆଯାଇଛି। ହେଲେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପଦକ୍ଷେପ ନେବା ପରିବର୍ତ୍ତେ ଚାନ୍ଦା ଆଦାୟରେ ବ୍ୟସ୍ତ। ଯାହାକି ଅଞ୍ଚଳର ସାଧାରଣ ଲୋକଙ୍କ ଜୀବନଜୀବିକା ସଙ୍କଟରେ ଗତି କରୁଛି।

**– ରାଜେନ୍ଦ୍ର ବିଶ୍ୱାଳ,**
**ନେତାଜୀ ଯୁବକ ସଂଘ ସଭାପତି**



ଶିଳ୍ପ କାରଖାନାଗୁଡିକ କାହାକୁ ମାନୁ ନାହାନ୍ତି। ବର୍ଜ୍ୟଜଳ ବିଲକୁ ଛାଡୁଛନ୍ତି। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ହୋଇ ପାରୁନାହିଁ। ବ୍ୟାପକ ମାତ୍ରାରେ ଖୋଲା ସ୍ଥାନ ରହିଥିଲେ ହେଁ ବୃକ୍ଷରୋପଣ କରାଯାଉ ନାହିଁ। କାରଖାନା ମାଲିକମାନେ ପ୍ରଦୂଷଣ ନିୟନ୍ତ୍ରଣ ହେଉଛି ବୋଲି ବଡବଡ କଥା କହୁଛନ୍ତି, ହେଲେ ତାହା କାମରେ ଲାଗୁନାହିଁ।

**–ଲୋପାମୁଦ୍ରା ନାୟକ,**
**ଅଧ୍ୟକ୍ଷା ଦାନଗଦୀ ବ୍ଲକ**



ଥରେ ଖ୍ୟାତି ଅର୍ଜ୍ଜନ କରିଗଲେ ତାକୁ
ଜୀବନ ତମାମ ଧରି ରଖିବା ଭାରି କଷ୍ଟ।
- ଭଲ୍‌ଟାୟର



**ସଂକ୍ଷେପରେ**

## ନେତାଜୀ ଯୁବକ ସଂଘ ବାର୍ଷିକୋତ୍ସବ ଉଦ୍‌ଯାପିତ

କୋରେଇ,୨୫।୧(ସ୍ୱ.ପ୍ର)- ପଥରପଦା ନେତାଜୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଅନୁଷ୍ଠିତ ୨୪ତମ ନେତାଜୀ ଜୟନ୍ତୀ ଓ ବାର୍ଷିକୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସୁବାସ ଧଳଙ୍କ ସଭାପତିତ୍ୱରେ ଓ ଅଧାପିକା ସରିତା ପୃଷ୍ଟିଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପାଣିକୋଇଲି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ପଥରପଦା ସରପଞ୍ଚ ପ୍ରକାଶ ଚନ୍ଦ୍ର ମଲିକ, ବରିଷ୍ଠ କଂଗ୍ରେସ ନେତା ମଧୁସୂଦନ ସାମଲ, ଶିକ୍ଷାବିତ୍ ମଦନ ମୋହନ ବେହେରା, ଯୁବ ସାମାଜିକ କର୍ମୀ ନାରାୟଣ ଚନ୍ଦ୍ର ଧଳ ପ୍ରମୁଖ ଯୋଗଦେଇ ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଉପଦେଷ୍ଟା ସନ୍ତୋଷ କୁମାର ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବ ସଭାପତି ସଞ୍ଜୟ କୁମାର ବେହେରା, ଉପସଭାପତି ଅଶୋକ କୁମାର ବେହେରା, ସମ୍ପାଦକ ମାନସ ସାହୁ, କୋଷାଧକ୍ଷ ପର୍ଶୁରାମ ବେହେରା, ପ୍ରେମେଶ ମହାକୁଡଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ସୁରଭି ପକ୍ଷରୁ ରକ୍ତଦାନ ଶିବିର

ସିଂହପୁର,୨୫।୧(ଡିଏନଏ)- ସୁରଭି, ବିଞ୍ଝାରପୁର ତରଫରୁ ସ୍ଥାନୀୟ ସୁନ୍ଦରପୁରସ୍ଥିତ ବିଳାସିନି ନୋଡାଲ ଉ.ପ୍ରା. ବିଦ୍ୟାଳୟ ପ୍ରାଙ୍ଗଣରେ ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ପାଳନ ସହିତ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସୁରଭି ବିଞ୍ଝାରପୁର ଏବଂ ସ୍ୱସ୍ତି ଡ୍ରାମାଟିକ କ୍ଲବ, ସୁନ୍ଦରପୁର ଆୟୋଜନ କରିଥିଲେ। ସୁନ୍ଦରପୁର ତଥା ଆଖପାଖ ଗ୍ରାମରୁ ମୋଟ ୫୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ବିଂଝାରପୁର ଥାନାଧିକାରୀ ଶିବଚରଣ ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ସୁରଭି ସଭାପତି ନିର୍ମଳ ଚନ୍ଦ୍ର ମଲ୍ଲିକ, ମନୋଜ ଜେନା ଏବଂ ସମସ୍ତ ସଦସ୍ୟ ପ୍ରମୁଖ ପରିଚାଳନା କରିଥିଲେ।

## 'ଚାଳଘର' ପକ୍ଷରୁ କ୍ଷୁଦ୍ର ଗଳ୍ପ, କବିତା ପାଠୋତ୍ସବ

ବରୀ,୨୪।୧(ସ୍ୱ.ପ୍ର)- ବରୀ ବ୍ଲକ ଅଧୀନ ଚନ୍ଦନପୁର ପଞ୍ଚାୟତ ରାମପୁର ଗ୍ରାମର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଚାଳଘର ସାହିତ୍ୟ ସଂସଦ ପକ୍ଷରୁ କ୍ଷୁଦ୍ର ଗଳ୍ପ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବରୀ ବିଧାୟିକା ସୁନନ୍ଦା ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ କ୍ଷୁଦ୍ରଗଳ୍ପ ପଠନ ଅନୁଷ୍ଠିତ ହୋଇଥିଲାବେଳେ ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ବୈରାଗୀଚରଣ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ସୂଚନା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବରୀ ବ୍ଲକ ପୂର୍ବତନ ଅଧକ୍ଷ ଗଗନ ବିହାରୀ ଜେନା, ଜିଲା ପ୍ରକଳ୍ପ ସଂଯୋଜକ ସର୍ବଶିକ୍ଷା ଅଭିଯାନ ବିଷ୍ଣୁଚରଣ ସୂତାର, ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ର ନାରାୟଣ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କେତେଜଣ ସାହିତ୍ୟିକ, ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିରଜା ପରିଡା ସଭାପତିତ୍ୱ କରିଥିଲାବେଳେ ସମ୍ପାଦକ ପ୍ରତାପ ଦାସ ବିବରଣୀ ପାଠ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ମିଳିଲାନି ମାଗଣା ୟୁନିଫର୍ମ, ଜୋତା

### ୨୦୧୯-୨୦ ଶିକ୍ଷାବର୍ଷ ସରିବାକୁ ୨ମାସ ରହିଲା

ରସୁଲପୁର,୨୫।୧(ଡି.ଏନ୍.ଏ.)

ଯାଜପୁର ଜିଲାରେ ରସୁଲପୁର ବ୍ଲକ ଏକ ଅଗ୍ରଣୀ ବ୍ଲକ ଭାବରେ ଖ୍ୟାତି ରହିଛି। ହେଲେ ଏହି ବ୍ଲକର ଶିକ୍ଷା ବ୍ୟବସ୍ଥା ଓ ତା'ର ଅବସ୍ଥା ସେତେଟା ସନ୍ତୋଷଜନକ ମନେ ହେଉନାହିଁ। ତେବେ ଛାତ୍ରୀଛାତ୍ରଙ୍କୁ ମଗଣା ୟୁନିଫର୍ମ ଓ ଜୋତା ବଣ୍ଟନ କ୍ଷେତ୍ରରେ ବ୍ଲକର ସଫଳତା ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ୨୦୧୯-୨୦ ଶିକ୍ଷାବର୍ଷ ସରିବାକୁ ୨ମାସ ବାକି ରହିଲା । ହେଲେ ଏବେ ବି ଅନ୍ୟୁନ ୪୦ଶତକଡ଼ା ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ପୋଷାକ, ଜୋତା ଓ ମୌଜା ମିଳିପାରି ନାହିଁ। ତେଣେ ସରକାର ଚଳିତ ଶିକ୍ଷା ବର୍ଷଠାରୁ ସମସ୍ତ ପିଲାଙ୍କୁ ମାଗଣା ପୋଷାକ ଦେବାକୁ ଘୋଷଣା କରିଥିବାରୁ ଏପିଏଲ୍ ବର୍ଗର ପୁଅ, ବ୍ଲକ ଗ୍ରାଣ୍ଟ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ସମସ୍ତ ପିଲାଙ୍କୁ କେବେ ପୋଷାକ ମିଳିବ ତାହା ଏବେ ବି ଅନିଶ୍ଚିତା ଦେଇ ଗତି କରୁଛି।

ପ୍ରାଥମିକ ଶିକ୍ଷା ହେଉଛି ପିଲାମାନଙ୍କ ମୌଳିକ ଅଧିକାର। ୧ ରୁ ୮ମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ମାଗଣା ଶିକ୍ଷା ପ୍ରଦାନ କରାଯିବା ସହ ଏହି ବର୍ଗର ସବୁ ଶିଶୁଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ ଦିଗରେ ନିଶ୍ଚିତ କରାଯିବ। ସରକାର ୧ରୁ ୮ଶ୍ରେଣୀରେ ପଢୁଥିବା ସବୁ ବର୍ଗର ପିଲାଙ୍କୁ ମାଗଣା ବହି ଯୋଗାଇ ଦେଉଛନ୍ତି। ଏଥିସହ ପୂର୍ବରୁ ଝିଅ ଓ ବିପିଏଲ ବର୍ଗର ପୁଅଙ୍କୁ ସରକାର ପୋଷାକ ଦେଉଥିଲେ। ଏହାଛଡ଼ା ଅନୁଦାନପ୍ରାପ୍ତ, ବ୍ଲକଗ୍ରାଣ୍ଟ ବିଦ୍ୟାଳୟକୁ ଛାଡ଼ିଦେଲେ ଏହିବର୍ଗର ସବୁ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି। ଶିକ୍ଷାକୁ ମୌଳିକ ଅଧିକାର ଭାବରେ ଘୋଷଣା କରିବା ପରେ ସବୁବର୍ଗର ପିଲାଙ୍କୁ ସମାନ ଅଧିକାର ପ୍ରଦାନ ଆଧାରରେ ମଧ୍ୟାହ୍ନ ଭୋଜନ, ମାଗଣା ବହି, ୟୁନିଫର୍ମ ଓ ଜୋତା ଦେବାକୁ ଘୋଷଣା କରିଛନ୍ତି। ଏହିକ୍ରମରେ ଉକ୍ତ ବ୍ଲକ ଅଧିନସ୍ଥ ୨୨୩ଟି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପରିବେଷଣ ହେଉଛି। ସେଥିମଧ୍ୟରୁ ୧୭୩ ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି, ୮ଟି ଅନୁଦାନପ୍ରାପ୍ତ, ୧୭ଟି ବ୍ଲକ ଗ୍ରାଣ୍ଟ ମଧ ଇଂରାଜୀ ଓ ୨୯ଟି ବ୍ଲକ ଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟର ୮ମ ଶ୍ରେଣୀ ରହିଛି । ଏ ସବୁ ବିଦ୍ୟାଳୟରେ ମୋଟ ୧୮,୭୦୨ଜଣ ପିଲା ଅଧ୍ୟୟନ କରୁଛନ୍ତି । ଚଳିତବର୍ଷଠାରୁ ପ୍ରତ୍ୟେକ ପିଲା ପିଛା ୨ହଳ ମାଗଣା ୟୁନିଫର୍ମ ବାବଦକୁ ୨୦୦ ଲେଖାଏ ୪୦୦ ଟଙ୍କା ଓ ହଳେ ଜୋତା ଆଉ ମୌଜା ପାଇଁ ୨୦୦ଟଙ୍କାକୁ ମିଶାଇ ମୋଟ ୬୦୦ଟଙ୍କା ପ୍ରଦାନ କରାଯାଉଛି। ପୋଷାକ ଓ ଜୋତା ବାବଦକୁ ଅର୍ଥ ଏବାବଦରେ ବ୍ୟାଙ୍କରେ ଖୋଲାଯାଇଥିବା ଜମାଖାତାକୁ ଆସିବ। ପରିଚାଳନା କମିଟି ସଭାପତି ଓ ପ୍ରଧାନ ଶିକ୍ଷକଙ୍କ ଯୁଗ୍ମ ଭାବରେ ଏହି ଖାତାକୁ ପରିଚାଳନା କରିବେ। ଅଦ୍ୟାବଧି ଏହି ବ୍ଲକ ଅଧିନସ୍ଥ କିଆବାଡିଆ ପ୍ରାଥମିକ ବିଦ୍ୟାଳୟ, ବନ୍ଧଡିହ, ଚାନ୍ଦପୁର ପ୍ରାଥମିକ ବିଦ୍ୟାଳୟ, ଚାନ୍ଦପୁର, ଗୋପାଳପୁର ପ୍ରାଥମିକ ବିଦ୍ୟାଳୟ, ଗୋପାଳପୁର ସମେତ ୪ଟି ବିଦ୍ୟାଳୟରେ ଏବେ ବି ପରିଚାଳନା କମିଟି ଗଠନ ହୋଇପାରି ନାହିଁ । ଏହାଛଡା ବ୍ଲକଗ୍ରାଣ୍ଟ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ଏପିଏଲ ଛାତ୍ରମାନଙ୍କୁ ପୋଷାକ ମିଳିବା ନେଇ ଅନିଶ୍ଚିତତା ଜାରି ରହିଛି। ଜିଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟ ଆକାଉଣ୍ଟରେ ଅର୍ଥ ପହଞ୍ଚିବାରେ ବିଳମ୍ବ ହୋଇଛି। ଫଳରେ ୟୁନିଫର୍ମ ଓ ଜୋତା ମିଳିପାରୁ ନାହିଁ ବୋଲି କୁହାଯାଉଛି । ଅଧିକାଂଶ ଛାତ୍ରୀଛାତ୍ରଙ୍କ ଆଧାର କାର୍ଡ ଉଠିପାରି ନାହିଁ । ଆଧାର ସଂଯୋଗ ହୋଇ ନ ଥିବା ପିଲାମାନଙ୍କ ପାଇଁ ଅର୍ଥ ଆସିପାରିବ କି ନାହିଁ ତା ଉପରେ ସଂଶୟ ଲାଗି ରହିଛି। ଏସବୁ କାରଣରୁ କେତେକ ବିଦ୍ୟାଳୟର ଉପସ୍ଥାନ ଠାରୁ କମ୍ ଅର୍ଥ ଆସିଛି। ଯାହକୁ ନେଇ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକମାନେ ଦ୍ୱନ୍ଦ୍ୱରେ ପଡିଯାଉଛନ୍ତି। କମ୍ ପରିମାଣର ଟଙ୍କା ଆସିଥିବା କାରଣରୁ କେତେକ ବିଦ୍ୟାଳୟରେ ପୋଷାକ ବଣ୍ଟନ ପ୍ରକ୍ରିୟାରେ ବାଧା ଉପୁଜୁଛି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କୁମାର କରଙ୍କୁ ପଚାରିବାରୁ ସେ ଏ ବାବଦରେ ଆଦୌ ଅବଗତ ନାହାନ୍ତି । ଏ ଦିଗରେ ନାଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଜିଲା ପ୍ରକଳ୍ପ ସଂଯୋଜକ କେହି ତାଙ୍କୁ ସୂଚନା ଦେଉନାହାନ୍ତି । ପଚାରିଲେ ସେମାନେ ଚିଠି ମେଲ୍‌ରେ ପଠାଇ ଦେଉଛନ୍ତି ବୋଲି କହୁଛନ୍ତି । ତେବେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନେଟ୍ ଦୀର୍ଘଦିନ ୪ମାସରୁ ଉର୍ଦ୍ଧ୍ୱକାଳ ଖରାପ ରହିଥିବାରୁ ଏ ନେଇ ତାଙ୍କ ନିକଟରେ କୌଣସି ସୂଚନା ନାହିଁ ବୋଲି ପ୍ରକାଶ କରିଛନ୍ତି।

## ବରୁଣେଇ ପୀଠରେ କଲ୍ୟାଣ ମଣ୍ଡପ ପାଇଁ ଶିଳାନ୍ୟାସ

ସିଂହପୁର,୨୫।୧(ଡିଏନଏ)

ବିଞ୍ଝାରପୁର ବ୍ଲକ ଫତେପୁର ପଞ୍ଚାୟତର ଅଧିଷ୍ଠାତ୍ରୀ ଦେବୀ ମା' ବରୁଣେଇଙ୍କ ପୀଠରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶନିବାର ବିଞ୍ଝାରପୁର ବିଧାୟିକା ତଥା ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଶିଳାନ୍ୟାସ କରିଛନ୍ତି। ଏହି ଉତ୍ସବରେ ଅନ୍ୟତମ ଅତିଥିଭାବେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧକ୍ଷ ନନ୍ଦ କିଶୋର ସାମଲ, ବିଡିଓ ମିନତୀ ଜଗଦେବ, ଗିଣା ପଞ୍ଚାୟତ ସରପଞ୍ଚ ରଞ୍ଜିତା କୁମାରୀ ଦାସ, ସମିତିସଭ୍ୟ କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ବିବାହ, ବ୍ରତ, ବିଭିନ୍ନ ଉତ୍ସବ ଆଦି କାର୍ଯ୍ୟକ୍ରମ ପାଇଁ ଏଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିବା ବିଧାୟିକା ମଲ୍ଲିକ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଛୋଳ ସମିତିସଭ୍ୟ ସୁରେନ୍ଦ୍ର ସାହୁ, ଫତେପୁରରୁ ନିଧିରାମ ପାତ୍ର, କମିଟି ସଦସ୍ୟ ଅରୁଣ ଦାସ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ।

# 'ଯୁବ ଏକତା ହିଁ ସମାଜରେ ପରିବର୍ତ୍ତନ ଆଣିପାରିବ'

### ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ




ଯୁବମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

କୋରେଇ,୨୫।୧(ସ୍ୱ.ପ୍ର)

'ଯୁବକମାନେ ସମାଜର ଶକ୍ତି। ଯୁବଶକ୍ତି ଦ୍ୱାରା ସମାଜରେ ପରିବର୍ତ୍ତନ ସମ୍ଭବ। ତେଣୁ ଯୁବକମାନେ ଭାରତୀୟ କଳା ସଂସ୍କୃତିକୁ ପାଥେୟ କରି ସମାଜ ପରିବର୍ତ୍ତନର ଆବାହକ ହେବା ଉଚିତ୍ ବୋଲି ଶନିବାର ୪ର୍ଥ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। କୋରେଇ ବ୍ଲକ ଖମଣ ପଞ୍ଚାୟତ ଶଙ୍ଖଚିଲାସ୍ଥିତ ମା' ହିଙ୍ଗୁଳା ପୀଠରେ ଶନିବାର ୪ର୍ଥ ରାଜ୍ୟସ୍ତରୀୟ ଯୁବ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟ୍ଟସାଣୀ ଯୋଗଦେଇ ଏପରି ମତବ୍ୟକ୍ତ କରିଥିବା ବେଳେ ମୁଖ୍ୟବକ୍ତାଭାବେ ରାଜ୍ୟସଭା ସଦସ୍ୟ ପଦ୍ମବିଭୂଷଣ ଡ. ରଘୁନାଥ ମହାପାତ୍ର ଯୋଗଦେଇ ଜୀବନରେ ସଫଳ ହେବା ପାଇଁ କେବଳ ସ୍କୁଲ କଲେଜର ପାଠପଢା ନୁହେଁ ପିତାମାତାଙ୍କ ଆଶୀର୍ବାଦ ଓ ବୌଦ୍ଧିକ ଜ୍ଞାନର ଆବଶ୍ୟକତା ରହିଛି ବୋଲି କହିଥିଲେ। ମହୋତ୍ସବ କମିଟି ସଭାପତି ମନୋଜ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ରାଜ୍ୟ ଅଭିଭାବକ ସଂଘ ସଭାପତି ବାସୁଦେବ ଭଟ୍ଟାଚାର୍ଯ୍ୟ ଯୋଗଦେଇ ଯୁବକଙ୍କ ଭବିଷ୍ୟତ ଗଢିବାରେ ଅଭିଭାବକଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ମହୋତ୍ସବ କମିଟି ମୁଖ୍ୟ ସଂଯୋଜକ ଗୁଣନିଧି ଗୁରୁ, ଦୀପକ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କମିଟି ଉପାଧକ୍ଷ ଅକ୍ଷୟ କୁମାର ଜେନା ମଞ୍ଚ ପରିଚାଳନା କରିଥିବାବେଳେ ଯୋଗାଚାର୍ଯ୍ୟ ବନମାଳୀ ରଥ ବେଦପାଠ କରିଥିଲେ। ଏହି ଅବସରରେ ହିଙ୍ଗୁଳା ପୀଠରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଏମ୍‌ପି ମହାପାତ୍ର ନିଜ ହାତପାଣ୍ଠିରୁ ୧୫ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିବାକୁ ଘୋଷଣା କରିଥିଲେ। କମିଟି ପକ୍ଷରୁ ମହାପାତ୍ରଙ୍କୁ କଳିଙ୍ଗ କେଶରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଯାଜପୁର ଜିଲାର ସ୍ୱେଚ୍ଛାସେବୀ ସଂଗଠନ ଆମେ ବିପଦର ସାଥୀ, ବିଶ୍ୱଜୟ ଫଉଣ୍ଡେସନ, ନବଉତ୍କଳ ମହିଳା ସମିତି, ହ୍ୟୁମାନ ନିଡସ୍ ଅର୍ଗାନାଇଜେଶନ ଆଦିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟେଲି କଳାକାର ପ୍ରିୟଙ୍କା ପ୍ରୀୟଦର୍ଶିନୀଙ୍କୁ କଳିଙ୍ଗ ଏକ୍ସିଲେନ୍‌ସି, ବିଦୁସ୍ମିତା ଦାସମନ୍ତ୍ରୀଙ୍କୁ କଳିଙ୍ଗ ସୁନ୍ଦର ଏବଂ ଶ୍ୱାତୀ ମିଶ୍ରଙ୍କୁ ଯୁବ ସମାଜ ଉଦ୍ୟୋଗୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ କମିଟି ଆବାହକ ମଦନମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନବନିର୍ମାଣ କୃଷକ ସଙ୍ଗଠନର ଜିଲା କାର୍ଯ୍ୟକାରିଣୀ

କୋରେଇ,୨୫।୧(ସ୍ୱ.ପ୍ର)

ପାଣିକୋଇଲିସ୍ଥିତ ଅଳତିରି ଆଦର୍ଶ କ୍ଲବଠାରେ ନବନିର୍ମାଣ କୃଷକ ସଂଗଠନର ଯାଜପୁର ଜିଲା କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ସହସଂଯୋଜକ ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ସମ୍ମାନିତ ଅତିଥିଭାବେ ରାଜ୍ୟ ସହସଂଯୋଜକ ନିମାଇଁ ରାୟ, ଦୁର୍ଗାପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। କାଳିଆ ଯୋଜନାରେ ବର୍ଷକୁ ୨ଟି କିସ୍ତିରେ ଚାଷୀଙ୍କ ଜମାଖାତାକୁ ୧୦ହଜାର ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଘୋଷଣା କରି ସରକାର ପଞ୍ଚମ ପାଳି କ୍ଷମତା ଦଖଲ କଲେ। ହେଲେ ପ୍ରକୃତ ଚାଷୀ ଏଥିରୁ ବଞ୍ଚିତ ହେଲେ। ନବନିର୍ମାଣ କୃଷକ ସଙ୍ଗଠନ ଏହାର ପ୍ରତିବାଦ କରିବାରୁ କେନ୍ଦ୍ର ସରକାରଙ୍କ ପିଏମ କିଷାନ ସମ୍ମାନ ନିଧି ଯୋଜନାରେ କାଳିଆ ଯୋଜନାକୁ ସାମିଲ କରି ବର୍ଷକୁ ୧୦ ହଜାର ଦେବା ପାଇଁ କ୍ୟାବିନେଟ ନିଷ୍ପତି କଲେ। ଯାହା ଚାଷୀଙ୍କ ପ୍ରତି ବିଶ୍ୱାସଘାତକତା ବୋଲି କୃଷକ ସଂଗଠନ ପ୍ରକାଶ କରିଛି। ଚାଷୀଙ୍କ ସ୍ୱାର୍ଥ ପାଇଁ ଚାଷୀ ଜାଗରଣ ସମାବେଶ କରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା, ଚାଷୀଙ୍କ ପେନସନ ମାସିକ ୩ହଜାର ଟଙ୍କା, ପ୍ରତି ବ୍ଲକରେ ଶୀତଳଭଣ୍ଡାର ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା, ଚାଷୀଙ୍କ ବିଦ୍ୟୁତ ବିଲ ଛାଡ, ଚାଷୀଙ୍କ କୃଷିଋଣ ଛାଡ଼ ଆଦି ଦାବିରେ ଆସନ୍ତା ଫେବୃୟାରୀ ୨୬ ବରୁହାଁ କାଳୀ ପଡ଼ିଆରେ ୨ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ନେଇ ମହାସମାବେଶ କରାଯିବାକୁ ନିଷ୍ପତି ନିଆଯାଇଥିଲା। ଜିଲା ସଂଯୋଜକ ଅଶୋକ ଶାନ୍ତିଙ୍କ ସହ ସଂଯୋଜକ ଲକ୍ଷ୍ମୀଧର ସାହୁ, ସୁବାସ ଖଣ୍ଡାଇ, ମାଧବ ଶାନ୍ତି, ସନାତନ ସାହୁ, ନାରାୟଣ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଖରସ୍ରୋତା ମହାବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ




ଅଭିଭାବକ ସମ୍ମିଳନୀରେ ମଞ୍ଚରେ ଉପସ୍ଥିତ ଅତିଥି।

ସିଂହପୁର,୨୫।୧(ଡିଏନଏ)

ବିଂଝାରପୁର ବ୍ଲକ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟ ଶିକ୍ଷା ସମ୍ମାନ ଆନୁକୂଲ୍ୟରେ ଶିକ୍ଷକ ଅଭିଭାବକଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସୁବୋଧ ନାୟକଙ୍କ ସଭାପତିତ୍ୱରେ ଉଭୟ ଶିକ୍ଷକ ଓ ଅଭିଭାବକଙ୍କ ମିଳିତ ଉଦ୍ୟମରେ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ମାର୍ଗରେ ପରିଚାଳିତ ହୋଇପାରିବେ ବୋଲି ଏହି ସମ୍ମିଳନୀରେ ମତପ୍ରକାଶ ପାଇଛି। ଶିକ୍ଷା ସମ୍ମାନ ବିଭାଗର ଉଚ୍ଚ କୋଟିର ଶିକ୍ଷାଦାନ ଓ ମହାବିଦ୍ୟାଳୟ ସୁପରିଚାଳନାରେ ଅଭିଭାବକମାନେ ସନ୍ତୋଷ ପ୍ରକାଶ କରିଥିଲେ। ମହାବିଦ୍ୟାଳୟକୁ ସରସସୁନ୍ଦର କରି ଗଢି ତୋଳିବାରେ ସହଯୋଗର ହାତ ବଢାଇବେ ବୋଲି ମତ ଦେଇଥିଲେ। ଏହି ସମ୍ମିଳନୀରେ ବହୁ ଅଧାପକ ଯୋଗ ଦେଇଥିଲେ। ଶିକ୍ଷା ବିଭାଗର ମୁଖ୍ୟ ଅରୁଣ ସାମଲ, ଅଧାପକ ପର୍ଶୁରାମ ସାହୁ, ଜ୍ୟୋତିପ୍ରଭା ମହାନ୍ତି, ଚନ୍ଦନପତି, ପୂର୍ଣ୍ଣଚନ୍ଦ୍ର ସାମଲ, ନିଖିଳ ଉତ୍କଳ ଗ୍ରନ୍ଥାଗାରିକ ସଂଘ ସଭାପତି ସୁଶାନ୍ତ ନାୟକଙ୍କ ସମେତ ଅନେକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

କୋରେଇ,୨୫।୧(ସ୍ୱ.ପ୍ର)

ରାସ୍ତାରେ ଅଟକାଇ ମାଡ଼ ମାରି ଟଙ୍କା ଛଡାଇ ନେବା ପରେ ଘରେ ପଶି ମରଣାନ୍ତକ ଆକ୍ରମଣ କରିବା ନେଇ ବିଞ୍ଝାରପୁର ଥାନାରେ ଅଭିଯୋଗ ହୋଇଥିଲା। ମାତ୍ର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ଅଭିଯୁକ୍ତଙ୍କ ବିରୋଧରେ କେବଳ ମାମଲା ରୁଜୁ କରି ବସିଯାଇଛି। ଫଳରେ ପୋଲିସ ଉପରୁ ଭରସା ତୁଟାଇ ନ୍ୟାୟ ଆଶାରେ ଶନିବାର ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ଏସ୍‌ପି ଚରଣ ସିଂହ ମୀନାଙ୍କୁ ଭେଟି ବିଂଝାରପୁର ଥାନା ଏରଡା ଗ୍ରାମର ବିନୋଦ ବିହାରୀ ସାମଲଙ୍କ ସ୍ତ୍ରୀ ରେବତୀ ଗୁହାରି କରିଛନ୍ତି। ବିଂଝାରପୁର ଥାନା ଏରଡା ଗ୍ରାମର ବିନୋଦ ବିହାରୀ ସାମଲଙ୍କ ସ୍ତ୍ରୀ ରେବତୀଙ୍କ ଅଭିଯୋଗ ମୁତାବକ, ଗତ ୧୯ ତାରିଖ ତାଙ୍କ ପୁତୁରା ବୈଲୋଚନ ସାମଲ ବରୀ ବଜାରରୁ ମେଡିସିନ କିଣିବା ସହ ଏଟିଏମରୁ ଟଙ୍କା ଉଠାଇ ଆସୁଥିଲେ। ଏହି ସମୟରେ ତାଙ୍କୁ ଗ୍ରାମର ପେଟା ସାମଲ ଓ ନିହାର ରଞ୍ଜନ ସାମଲ ଅଟକାଇ ଗାଳିଗୁଲଜ କରିବା ସହ ମାଡ଼ ମାରି ତାଙ୍କ ନିକଟରୁ ୨୦ ହଜାର ଟଙ୍କା ନେଇଯାଇଥିଲେ। ଜୀବନ ବଞ୍ଚାଇବାକୁ ଯାଇ ବୈଲୋଚନ ଘରେ ପହଞ୍ଚି ସବୁ କଥା କହିବା ସମୟରେ ଉକ୍ତ ୨ ଅଭିଯୁକ୍ତଙ୍କ ସହ ତାଙ୍କ ପରିବାର ଲୋକେ ପହଞ୍ଚି ଗାଳିଗୁଲଜ ଆରମ୍ଭ କରିଥିଲେ। ଭଉଣୀ ମିନତୀ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମାରିଥିଲେ। ପାଟିଶୁଣି ରେବତୀ ଦୌଡି ଆସିବାରୁ ତାଙ୍କୁ ମଧ ମାଡ଼ ମାରିବା ସହିତ ଧମକ ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚୁପ୍ ବସିଥିବା ଅଭିଯୋଗ ହୋଇଛି।

# ତାଲିମପ୍ରାପ୍ତ ଛତୁଚାଷୀଙ୍କୁ ପ୍ରୋତ୍ସାହନ

ରସୁଲପୁର,୨୫।୧(ଡିଏନଏ)

ରସୁଲପୁର ବ୍ଲକ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଛତୁଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶେଷ କରି ତାଲିମପ୍ରାପ୍ତ ଛତୁ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଉଛି। ନୂତନଭାବେ ତାଲିମ ନେବା ପାଇଁ ଇଚ୍ଛୁକ ଚାଷୀଙ୍କୁ ଛତୁ ଚାଷ ଉପରେ ତାଲିମ୍ ଦେବାର ବନ୍ଦୋବସ୍ତ କରାଯାଉଛି। ଛତୁ ଚାଷୀଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ ବୋଲି ମନେ କରାଯାଉଛି। ପ୍ରକାଶ ଯେ, ଏହି ବ୍ଲକ ଅଞ୍ଚଳରେ ପାଳଛତୁ ଓ ଧିଙ୍ଗିରି ଛତୁ ଚାଷ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଚାଷ କରିବା ପାଇଁ ପ୍ରଧାନମନ୍ତ୍ରୀ କୃଷି ବିକାଶ ଯୋଜନା ଜରିଆରେ ଛତୁ ଚାଷୀଙ୍କୁ ତାଲିମ ଦିଆଯାଇଛି। ତାଲିମପ୍ରାପ୍ତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ଚାଷୀମାନେ ଛତୁ ଚାଷ କରିବା ପାଇଁ ଇଚ୍ଛା ପ୍ରକଟ କଲେ ବିଭାଗ ପକ୍ଷରୁ ବ୍ୟାଙ୍କ ଋଣ ପ୍ରଦାନରେ ସହାୟତା ପ୍ରଦାନ କରାଯିବ। ଚାଷ ପାଇଁ ପ୍ରସ୍ତୁତ ଆକଳନକୁ ରିପୋର୍ଟ ଅନୁସାରେ ଚାଷୀଙ୍କୁ ଋଣ ପ୍ରଦାନ କରାଯିବ। ଏହି ଋଣ ଉପରେ ଶତକଡା ୪୫ରୁ ୫୫ ପ୍ରତିଶତ ରିହାତି ପ୍ରଦାନ କରାଯିବ। ଏହାଛଡା ତାଲିମ ନେବାକୁ ଚାହୁଁଥିବା ଚାଷୀଙ୍କୁ ମାଗଣାରେ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏଥିସହ କୁଲ ଚାମ୍ବର ଓ ଶୀତଳଭଣ୍ଡାର ସ୍ଥାପନ ଉପରେ ସରକାର ୫୦ ପ୍ରତିଶତ ରିହାତି ପ୍ରଦାନ କରୁଛନ୍ତି। ଏ ଦିଗରେ ଇଚ୍ଛୁକ ଉଦ୍ୟୋଗୀମାନେ ରସୁଲପୁର ବ୍ଲକ ଉଦ୍ୟାନ କୃଷି କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# କାଳିଆ ଯୋଜନା ବିଭ୍ରାଟ ବିରୋଧରେ ଗର୍ଜିଲେ ଚାଷୀ

ସିଂହପୁର,୨୫।୧(ଡିଏନଏ)




ଚାଷୀ ଜାଗରଣ ସମାବେଶରେ ଉପସ୍ଥିତ ଚାଷୀମାନେ।

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଶ୍ରୀକ୍ଷେତ୍ରଠାରେ ଆଜିର ଦିନରେ କାଳିଆ ଯୋଜନାର ଶୁଭାରମ୍ଭ କରିଥିଲେ। ବାର୍ଷିକ ୨ଟି କିସ୍ତିରେ ମୋଟ ୧୦ ହଜାର ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇ ଭୋଟ ବୈତରଣୀ ପାର ହେବା ପରେ ଏବେ ଚାଷୀଙ୍କ ସହିତ ପ୍ରତାରଣା କରୁଛନ୍ତି। କାଳିଆ ଯୋଜନାରେ ପ୍ରକୃତ ଚାଷୀ ଅର୍ଥ ପାଉନାହାଁନ୍ତି। କାଳିଆ ଯୋଜନା ଚୟନ ପ୍ରକ୍ରିୟାରେ ବ୍ୟାପକ ଚଞ୍ଚକତା କରାଯାଇଥିବା ଆଦି ଅଭିଯୋଗ କରି କାଳିଆ ଯୋଜନା ମହାବିଭ୍ରାଟ ପ୍ରତିବାଦରେ ଶନିବାର ନବନିର୍ମାଣ କୃଷକ ସଂଗଠନ ବିଞ୍ଝାରପୁର ଶାଖା ପକ୍ଷରୁ ସିଂହପୁର ବଜାରରେ ଏକ ବିଶାଳ ଚାଷୀ ଜାଗରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ବିଞ୍ଝାରପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ଶହଶହ ଚାଷୀ ଯୋଗ ଦେଇଥିଲେ। ଶହଶହ ଚାଷୀଙ୍କ ଗହଣରେ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ନେତୃବୃନ୍ଦ ସିଂହପୁର କାକୁଡ଼ି ପଡ଼ିଆରୁ ପଦଯାତ୍ରାରେ ଗ୍ରାମ ପରିକ୍ରମା କରି ସିଂହପୁର ବଜାରସ୍ଥିତ କାଳୀ ପଡ଼ିଆରେ ସାଧାରଣ ସଭାରେ ଯୋଗ ଦେଇଥିଲେ। ବ୍ଲକ ସଂଯୋଜକ ସନାତନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଚାଷୀ ଜାଗରଣ ସଭାରେ ମୁଖ୍ୟ ଅତିଥିଭାବେ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଅନ୍ୟତମ ଅତିଥିଭାବେ ସହ ସଂଯୋଜକ ନିମାଇଁ ରାୟ, ଜିଲା ସଂଯୋଜକ ଦୁର୍ଗାଚରଣ ଦାସ, ରାଜ୍ୟ ମହିଳା ସଂଯୋଜିକା ମଧୁମିତା ସାମଲ, ଜିଲା ଉପଦେଷ୍ଟା ଭୁବନାନନ୍ଦ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଫେବୃୟାରୀ ୨୬ରେ ବରୁହାଁ କାଳୀ ପଡିଆରେ ୫ହଜାରରୁ ଉର୍ଦ୍ଧ୍ୱ କୃଷକ ପ୍ରତିନିଧିଙ୍କୁ ନେଇ ଏକ ବିଶାଳ ଚାଷୀ ଜାଗରଣ ସମାବେଶ ଅନୁଷ୍ଠିତ ହେବ ବୋଲି ସହ ସଂଯୋଜକ ନିମାଇଁ ରାୟ ସୂଚନା ଦୋଇଛନ୍ତି।

# କଳ୍ପବଟ, ବାଞ୍ଛାବଟରେ ବନ୍ଧାଯାଉଛି ମାନସିକ ଡୋରି

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର
୨୫।୧(ଡି.ଏନ୍.ଏ)

### ୬ଷ୍ଠ ଦିନରେ ଓଳାଶୁଣୀ ଗୁମ୍ଫା ମେଳା



ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ଶନିବାର ୬ଷ୍ଠ ଦିନରେ ପହଞ୍ଚିଛି। ଦିନକୁ ଦିନ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ମେଳା ପରିସରକୁ ଆସିବାକୁ ଥିବା ୩ଟି ରାସ୍ତା ଲୋକାରଣ୍ୟରେ ଉଚ୍ଛୁଳି ପଡ଼ିଛି। ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ବ୍ରହ୍ମଲୀନ ଦିବସ ଅବସରରେ ଆରମ୍ଭ ହୋଇଥିବା ଓଳାଶୁଣୀ ଗୁମ୍ଫା ମେଳାକୁ ବହୁ ମାନସିକଧାରୀ ମନସ୍କାମନା ପୂର୍ଣ୍ଣ ପାଇ ଆସିଥିବା ଦେଖିବାକୁ ମିଳିଛି। ପାହାଡ଼ ଶୀର୍ଷଦେଶରେ ଥିବା ମହାପୁରୁଷଙ୍କ ସମାଧି ମନ୍ଦିର ପାର୍ଶ୍ୱରେ ୨ଟି ବଟବୃକ୍ଷ ରହିଛି। ଏଥିରେ ମାନସିକଧାରୀମାନେ ଲାଲରଙ୍ଗର ପତାକା ବାନ୍ଧି ମାନସିକ କରୁଥିବା ଦେଖିବାକୁ ମିଳିଛି। ଏହି ଦୁଇଟି ବଟ ବୃକ୍ଷ କେବେଠୁ ରହିଛି ସେ ସମ୍ପର୍କରେ କେହି କହିପାରୁ ନ ଥିବାବେଳେ କିମ୍ବଦନ୍ତୀ ଅନୁଯାୟୀ, ମା' ବନଦୁର୍ଗା ପାହାଡ଼ ଶୀର୍ଷରେ ରହିଥିଲେ। ଏହି ସମୟରେ ବୀରବାହୁ ନାମକ ଏକ ରାକ୍ଷସ ତାର ପରାକ୍ରମରେ ପାହାଡକୁ ଦଖଲ କରିବାକୁ ଚେଷ୍ଟା କରିଥିଲା। ମା' ବନଦୁର୍ଗା ଏଠାରେ ରହିଥିବା ୨ଟି ବରଗଛର ଓହଳ ସାହାଯ୍ୟରେ ରାକ୍ଷସ ବୀରବାହୁକୁ ନିଧନ କରିଥିବାରୁ ତାଙ୍କ ନାମ ଓହଳାଶୁଣୀଭାବେ ପରିଚିତ ହେଲେ। ଏହି ଓହଳାଶୁଣୀ ଶବ୍ଦ ଧିରେ ଧିରେ ଓଳାଶୁଣୀ ନାମରେ ପରିଚିତ ବୋଲି କୁହାଯାଉଛି। ଏହି ପାହାଡ ଶୀର୍ଷରେ ଥିବା କଳ୍ପବଟ ଓ ବାଞ୍ଛାବଟରେ ମାନସିକ ଡୋରୀ ବାନ୍ଧିଲେ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଏହି ଦୁଇଟି ବଟବୃକ୍ଷକୁ ପୂଜା କରାଯାଇଥାଏ ବୋଲି ମଠାଧିଶ ନାମାନନ୍ଦ ଦାସ ସୂଚନା ଦେଇଛନ୍ତି। ତେବେ ଷଷ୍ଠ ଦିନରେ ଲକ୍ଷାଧିକ ଯାତ୍ରୀଙ୍କ ସମାଗମ ହୋଇଛି। ଅପରାହ୍ନ ସମୟରୁ ପାହାଡର ପୂର୍ବପଟ ଜାତୀୟ ରାଜପଥରୁ ମେଳା ପଡିଆ ପର୍ଯ୍ୟନ୍ତ ଯାତ୍ରୀଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ସେହିପରି ପଶ୍ଚିମପଟ ଲଳିତଗିରିଠାରୁ ମେଳା ପଡିଆ ପର୍ଯ୍ୟନ୍ତ ଭିଡ ରହିଥିଲା। ମେଳା ପଡିଆରେ ପଡିଥିବା ବିଭିନ୍ନ କିସମର ଦୋକାନରେ ଗହଳି ଲାଗିରହିଥିଲା। ମେଳାରେ ଗହଳିକୁ ଦେଖି ବହୁ ସଂଖ୍ୟାରେ ପକେଟମାର ଆସିଥିବା ଜଣାପଡ଼ିଛି। ସେଥିପାଇଁ ପୋଲିସ ସୂଚନା କେନ୍ଦ୍ର ତରଫରୁ ପକେଟମାର ପ୍ରତି ସାବଧାନ ରହିବା ପାଇଁ ବାରମ୍ବାର ଅନୁରୋଧ କରାଯାଉଥିବା ଶୁଣିବାକୁ ମିଳିଥିଲା। ବହୁ ସଂଖ୍ୟାରେ ମନିପର୍ସ ଓ ମୋବାଇଲ ଚୋରି ହେଉଥିବା ଜଣାପଡିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୬ ଜାନୁୟାରୀ, ୨୦୨୦



## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୬ ତାରିଖ (ରବିବାର)**

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ।
  **ସ୍ଥାନ:** ପିଟିଏସ୍ ପଡ଼ିଆ, ନୟାଗଡ଼
  ସମୟ: ସକାଳ ୯ଟା
- ପଲିଟିକାଲ ଏକାଦଶ-ପ୍ରଶାସନ ଏକାଦଶ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ
  **ସ୍ଥାନ:** ଖଣ୍ଡପଡା ମିନିଷ୍ଟାଡିୟମ,
  ସମୟ: ଅପରାହ୍ନ ସାଢେ ୧୨ଟା

**୨୭ ତାରିଖ (ସୋମବାର)**

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର।
  **ସ୍ଥାନ:** ବ୍ଲକ କାର୍ଯ୍ୟାଳୟ ପରିସର, ଦଶପଲ୍ଲା, ସମୟ: ପୂର୍ବାହ୍ନ ୧୧ଟା

# ଲକ୍ଷ୍ୟଧାର୍ଯ୍ୟର ମାତ୍ର ୪୨% ସମ୍ପୂର୍ଣ୍ଣ

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନୈରାଶ୍ୟଜନକ

**ନୟାଗଡ଼ ଅଫିସ,୨୫।୧**

ନୟାଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅଗ୍ରଗତି ନୈରାଶ୍ୟଜନକ ହୋଇଥିବା ଦେଖିବାକୁ ମିଳିଛି। ଲକ୍ଷ୍ୟଧାର୍ଯ୍ୟଠାରୁ ମାତ୍ର ୪୨ ପ୍ରତିଶତ ଘର ସମ୍ପୂର୍ଣ୍ଣ ହୋଇଥିବା ଜଣାପଡିଛି। ଅଧିକାରୀମାନଙ୍କ ଆନ୍ତରିକତା ଅଭାବ ଯୋଗୁ ଏପରି ହୋଇଥିବା ଅଭିଯୋଗ ହେଉଛି। ସେହିଭଳି ବିଭିନ୍ନ ସମୟରେ ହିତାଧିକାରୀମାନେ ପ୍ରଥମ କିସ୍ତି ଟଙ୍କା ନେଇ ପରେ ଘର କରୁ ନ ଥିବାରୁ ଏହିଭଳି ଅସୁବିଧା ଦେଖାଦେଇଛି।

ପ୍ରକାଶ ଯେ, ଆର୍ଥିକ ବର୍ଷ ୨୦୧୮-୧୯ରେ ଜିଲାର ୮ଟି ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣରେ) ୪୬୧୨ଟି ଘର ତିଆରି କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ତଦ୍‌ନୁସାରେ ୪୬୧୨ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରାଯାଇଥିଲା। ହେଲେ ସେଥିରୁ ବର୍ତ୍ତମାନ ସୁଦ୍ଧା ମାତ୍ର ୩୫୭୯ଟି ଅର୍ଥାତ୍ ୭୭.୬ ପ୍ରତିଶତ ଘର ସମ୍ପୂର୍ଣ୍ଣ ହୋଇଛି। ଆର୍ଥିକବର୍ଷ ୨୦୧୯-୨୦ରେ ୯୬୭୨ଟି ଘର ନିର୍ମାଣ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ୯୫୧୬ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରାଯାଇଥିଲା। ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ୨ ମାସ ବାକି ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୪୧୨୨ ଅର୍ଥାତ୍ ୪୨.୬ ପ୍ରତିଶତ ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ନୟାଗଡ଼ ବ୍ଲକରେ ୧୬୧୧ଟି ଘର ନିର୍ମାଣ ହେବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୧୨୦୭ଟି ସମ୍ପୂର୍ଣ୍ଣ ହୋଇଛି। ସେହିଭଳି ଖଣ୍ଡପଡ଼ା ବ୍ଲକର ୩୯୧ରୁ ମାତ୍ର ୨୦୯ଟି, ଓଡ଼ଗାଁ ବ୍ଲକର ୧୨୦୫ରୁ ମାତ୍ର ୬୨୨, ଗଣିଆ ବ୍ଲକର ୭୮ରୁ ୩୯ଟି, ନୂଆଗାଁ ବ୍ଲକର ୧୬୦୮ରୁ ୬୦୨ଟି, ଦଶପଲ୍ଲା ବ୍ଲକରେ ୧୪୧୯ରୁ ୪୭୮ଟି, ରଣପୁର ବ୍ଲକରେ ୧୫୧୩ରୁ ୪୮୮, ଭାପୁର ବ୍ଲକରେ ୧୬୯୧ରୁ ୪୭୭ଟି ସମ୍ପୂର୍ଣ୍ଣ ହୋଇଛି। ଖାଲି ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳରେ ମଧ୍ୟ ସମାନ ସ୍ଥିତି ଦେଖାଦେଇଛି। ଜିଲାର ୧ ପୌର ପରିଷଦ ଓ ୪ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ୨୭୮୨ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ମାତ୍ର ୧୦୪୯ ସମ୍ପୂର୍ଣ୍ଣ ହୋଇଛି। ନୟାଗଡ଼ ପୌର ପରିଷଦ ଅଞ୍ଚଳରେ ୩୬୭ଟି ପକ୍କା ଘର ମଞ୍ଜୁର ହୋଇଥିବା ବେଳେ ୧୦୨ଟି ସମ୍ପୂର୍ଣ୍ଣ ହୋଇଛି। ଖଣ୍ଡପଡ଼ା ଏନ୍‌ଏସିରେ ୨୪୩ରୁ ୨୧୬, ଦଶପଲ୍ଲା ଏନ୍‌ଏସିରେ ୧୧୮୪ରୁ ୨୭୨, ରଣପୁର ଏନ୍‌ଏସିରେ ୭୯୯ରୁ ୩୪୪, ଓଡ଼ଗାଁ ଏନ୍‌ଏସିରେ ୧୮୯ରୁ ୧୧୫ଟି ସମ୍ପୂର୍ଣ୍ଣ ହୋଇଛି। ଘର କରୁ ନ ଥିବା ଯୋଗୁଁ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନୈରାଶ୍ୟଜନକ ହୋଇଥିବା ଦେଖିବାକୁ ମିଳିଛି। ବଳକା ରହିଥିବା ଘରଗୁଡ଼ିକ ତୁରନ୍ତ ଶେଷ କରିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଗଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠିକ୍ ଭାବେ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୪ଟି କିସ୍ତିରେ ୧ ଲକ୍ଷ ୩୦ ହଜାର ଟଙ୍କା ପ୍ରଦାନ କରାଯାଉଥିବା ବେଳେ ସହରାଞ୍ଚଳରେ ୨ ଲକ୍ଷ ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯାଏ।

## ପିଟିଏସ୍ ପଡ଼ିଆରେ ଗଣଶିକ୍ଷା ମନ୍ତ୍ରୀ କରିବେ ପତାକା ଉତ୍ତୋଳନ


ପିଟିଏସ୍ ପଡ଼ିଆ ପ୍ରସ୍ତୁତ ହୋଇଛି।

**ନୟାଗଡ଼ ଅଫିସ,୨୫।୧**

ଜିଲା ପ୍ରଶାସନ ପକ୍ଷରୁ ରବିବାର ପୋଲିସ ଟ୍ରେନିଂ ସ୍କୁଲ (ପିଟିଏସ୍) ପଡ଼ିଆଠାରେ ୭୧ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଏଥିରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବେ। ସେହିଭଳି ମନ୍ତ୍ରୀ ଦାଶ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ଏଥିପାଇଁ ପିଟିଏସ୍ ପଡ଼ିଆଠାରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ଭୋର ୪ଟା ୩୦ରେ ରାମଧୁନ, ସକାଳ ୬ଟାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରୀ, ସକାଳ ୭ଟାରୁ ୭ଟା ୩୦ ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ୯ଟାରେ ମୁଖ୍ୟ ଅତିଥି ମନ୍ତ୍ରୀ ଦାଶଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ।

## ସଂକ୍ଷେପରେ

### ଭ୍ୟାନ୍ ଧକ୍କାରେ ବାଇକ୍ ଚାଳକ ମୃତ

**ଦଶପଲ୍ଲା,୨୫।୧(ଡି.ଏନ.ଏ.)**- ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଦଶପଲ୍ଲା ବ୍ଲକ ରଙ୍ଗମାଟିଆ ନିକଟରେ ଶୁକ୍ରବାର ସାଢ଼େ ୧୧ଟା ରାତିରେ ଏକ ପରିବା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ୍ ଚାଳକ ହେଲେ ଚମ୍ପାଡାଳି ଗ୍ରାମର ଶରତ ପ୍ରଧାନ (୩୦)। ଦୁର୍ଘଟଣାସ୍ଥଳରେ ପିକ୍‌ଅପ୍ ଭ୍ୟାନ୍‌ଟି ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ଆହତ ବାଇକ୍ ଚାଳକଙ୍କୁ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ଘୋଷଣା କରିଥିଲେ। ଦଶପଲ୍ଲା ଡାକ୍ତରଖାନାରେ ଶନିବାର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ୧୫/୨୦ରେ ଏକ ମକଦ୍ଦମା ରୁଜୁ ହୋଇଥିବା ଜଣାଯାଇଛି।

### ଯୁବ ଭୋଟରଙ୍କୁ ମିଳିଲା ନୂଆ ଫଟୋ ପରିଚୟପତ୍ର

**ପୁରୀ ଅଫିସ,୨୫।୧:** ପୁରୀ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଜିଲାସ୍ତରୀୟ ଜାତୀୟ ମତଦାତା (ଭୋଟର) ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ସିଂହଦ୍ୱାରରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏଥିରେ ଶତାଧିକ ଛାତ୍ରୀଛାତ୍ର ଏବଂ କିନ୍ନର ଅଂଶଗ୍ରହଣ କରି ଜନସାଧାରଣଙ୍କୁ ମତଦାନ ସଂକ୍ରାନ୍ତରେ ସଚେତନ କରିଥିଲେ। ଏହି ଶୋଭାଯାତ୍ରା ଆୟୁର୍ବେଦ ମହାବିଦ୍ୟାଳୟଠାରେ ପହଞ୍ଚିଥିଲା। ପରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସଭା ହୋଇଥିଲା। ଏଥିରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ସୁମନ୍ତ କର (ନିର୍ବାଚନ) ପ୍ରମୁଖ ଯୋଗଦେଇଥିଲେ। ଦେଶ ତଥା ରାଜ୍ୟରେ ସରକାର ଗଠନ ଦିଗରେ ପ୍ରତ୍ୟେକ ନାଗରିକଙ୍କର ମତଦାନ ଅତ୍ୟନ୍ତ ମୂଲ୍ୟବାନ। ଏକ ନିରପେକ୍ଷ, ସୁଦୃଢ ତଥା ଜନମଙ୍ଗଳକାରୀ ସରକାର ଗଠନ କରିବା ନିମନ୍ତେ ଯୁବ ଭୋଟରମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେମାନେ ବୁଝିବିଚାରି ଭଲ ଲୋକଙ୍କୁ ଶାସନ କ୍ଷମତା ଦେଇପାରିବେ ଦେଶ ତଥା ରାଷ୍ଟ୍ରର ବିକାଶ ହୋଇପାରିବ। ତେଣୁ ଯୁବ ଭୋଟରଙ୍କୁ ଉତ୍ସାହିତ କରିବା ନିମନ୍ତେ ଜାତୀୟ ମତଦାତା ଦିବସ ପାଳନ କରାଯାଉଛି ବୋଲି ଅତିଥିମାନେ କହିଥିଲେ।

## ଶବର ଜାତିର ବିଭିନ୍ନ ସମସ୍ୟା ଉପରେ ଆଲୋଚନା

**ଖଣ୍ଡପଡ଼ା,୨୫।୧(ସ୍ୱ.ପ୍ର.)**



ବୈଠକରେ ଯୋଗଦେଇଥିବା ଅତିଥିମାନେ।

**ବିଶ୍ୱାବସୁ ଶବର ରାଜା ବଂଶଧର ଜାତିଆଣ ବୈଠକ**

ଭାପୁର ବ୍ଲକ ଧାନଚେଙ୍ଗଡା ପଞ୍ଚାୟତ କାଳିଆପଲ୍ଲୀରେ ଶନିବାର ବିଶ୍ୱାବସୁ ଶବର ରାଜା ବଂଶଧର ଜାତିଆଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁରଲୀ ନାୟକ ସଭାପତିତ୍ୱ କରିଥିବା ବେଳେ ବଲାଙ୍ଗୀର ଜିଲାର ଆଦିବାସୀ ନେତା ସତ୍ୟ ନାରାୟଣ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମୁଖ୍ୟତଃ ଆଦିବାସୀ ସମ୍ପ୍ରଦାୟ ଶବର ଜାତିର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। କାଳିଆପଲ୍ଲୀରେ ଶବର ଜାତିର ଲୋକେ ଦୀର୍ଘବର୍ଷରୁ ବସବାସ କରୁଥିଲେ ମଧ୍ୟ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ। ଜଙ୍ଗଲ ଜମି ପଟ୍ଟା ମିଳୁ ନ ଥିବାବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ଯୋଜନାରେ ଅଣଦେଖା କରାଯାଉଛି। ସେହିପରି ଶ୍ରମ କାର୍ଡ, ବ୍ୟକ୍ତିଗତ ଋଣ ମଧ୍ୟ ମିଳୁନାହିଁ। ଆଦିବାସୀ ମହିଳାଙ୍କ ଦ୍ୱାରା ଗଠନ କରାଯାଇଥିବା ସ୍ୱୟଂସହାୟକ ଗୋଷ୍ଠୀକୁ ସରକାରଙ୍କ ଯୋଜନା କ୍ରମେ ବ୍ୟାଙ୍କ ଋଣ ମିଳୁ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅପରପକ୍ଷେ ସେମାନଙ୍କ ଘରବାରି ଓ ଜମିପଟ୍ଟା ପାଉତିରେ ଶବର ଜାତି ଉଲ୍ଲେଖ ଥିବାବେଳେ ଭୁଲକ୍ରମେ ଅନେକ ବ୍ୟକ୍ତିଙ୍କ ଜାତି ଏସ୍‌ସି (ଅନୁସୂଚିତ ଜାତି) ତାଲିକା ଭୁକ୍ତ କରାଯାଇଥିବାରୁ ସେମାନଙ୍କୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ସମସ୍ୟା ସୃଷ୍ଟି ହେଉଥିବା ଆଲୋଚନା ହୋଇଥିଲା। ଏହି ସମ୍ପ୍ରଦାୟର ଲୋକମାନଙ୍କ ଜାତି ତାଲିକାର କ୍ରମିକ ନମ୍ବର ୫୯ରେ ଶଅର ଲେଖା ଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ଏମାନେ ଆଦିବାସୀ ସମ୍ପ୍ରଦାୟର ସମସ୍ତ ସାମ୍ବିଧାନିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ମୁଖ୍ୟଅତିଥି ଭୋଇ କହିଥିଲେ, ଏହି ସମ୍ପ୍ରଦାୟର ଲୋକଙ୍କୁ ବିନା ରେକର୍ଡପତ୍ରରେ ୫୦ ହଜାର ଟଙ୍କା ବ୍ୟକ୍ତିଗତ ଋଣ ଦେବାର ନିୟମ ରହିଥିଲେ ହେଁ ଏଥିପ୍ରତି ଅଣଦେଖା କରାଯାଉଛି। ଏହାଛଡା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରୁ ଏମାନେ ବଞ୍ଚିତ ହେଉଛନ୍ତି। ଏ ଦିଗରେ ସେ ବ୍ୟକ୍ତିଗତ ଭାବରେ ଜିଲା ପ୍ରଶାସନ ସହିତ ଆଲୋଚନା କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ ଯୋଗଦେଇ କାଳିଆପଲ୍ଲୀ ଗ୍ରାମବାସୀଙ୍କ ସହଯୋଗରେ ସୃଷ୍ଟି କରାଯାଇଥିବା ଲଳିତ ଉଦ୍ୟାନ ସହିତ ଗ୍ରାମର ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରାଯାଇଥିବା ସୂଚନା ଦେଇଥିଲେ। ବୈଠକରେ କାଳିଆପଲ୍ଲୀ ଗ୍ରାମ ସମେତ ଆଖପାଖ ଅଞ୍ଚଳର ୩୦ ଆଦିବାସୀ ଗ୍ରାମରୁ ୫ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇଥିଲେ। ଗ୍ରାମର ବ୍ରଜବନ୍ଧୁ ବେହେରା, ବିଦ୍ୟାଧର ବେହେରା, ଦିଲୀପ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଡାକ୍ତରଙ୍କୁ ଉଚ୍ଚ ଅଧିକାରୀଙ୍କ ଜବାବ ତଲବ

**ପୁରୀ ଅଫିସ,୨୫।୧**

ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା ସୁବିଧା ଯୋଗାଇଦେବା ଲାଗି ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ହେଲେ ତୃଣମୂଳସ୍ତରରେ ଏହାର ବାସ୍ତବତାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠୁଛି। କେତେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ଠିକ୍ ଭାବେ ଆସୁ ନ ଥିବାରୁ ରୋଗୀଙ୍କୁ ସେବା ମିଳୁନାହିଁ। ପୁରୀ ଜିଲା ମଙ୍ଗଳପୁର ସିଏଚ୍‌ସି ଅନ୍ତର୍ଗତ କମାକନ୍ତିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅପରାହ୍ନରେ ଡାକ୍ତର ଆସୁ ନ ଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳର ଦିଲୀପ ବରାଳ ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ପରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପୂର୍ବାହ୍ନରେ ଆସୁଥିବା ବେଳେ ଅପରାହ୍ନରେ ଆସୁ ନ ଥିବାରୁ ଗ୍ରାମାଞ୍ଚଳର ରୋଗୀମାନେ ହଇରାଣ ହେଉଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଉଚ୍ଚ ଅଧିକାରୀଙ୍କଠାରୁ ନିର୍ଦ୍ଦେଶ ପାଇ ମଙ୍ଗଳପୁର ସିଏଚ୍‌ସିର ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ବି.ଏନ. ପଣ୍ଡା ତଦନ୍ତ କରିଛନ୍ତି। ସମ୍ପୃକ୍ତ ଡାକ୍ତରଙ୍କୁ ଜବାବ ତଲବ କରାଯାଇଛି। ୭ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ କୁହାଯାଇଥିବା ଡା. ପଣ୍ଡା କହିଛନ୍ତି।

## ଖଲି ବୋଝେଇ ମିନିଟ୍ରକ୍ ଜବତ



ଜବତ ଖଲି ଓ ଗାଡ଼ି।

**ଦଶପଲ୍ଲା,୨୫।୧(ଡି.ଏନ.ଏ.)**

ଦଶପଲ୍ଲା ବ୍ଲକର ଆଦିବାସୀ ବହୁଳ ଚଢ଼େୟାପଲ୍ଲୀ ପଞ୍ଚାୟତର ସୁନ୍ଦୁରୁକୁମ୍ପାଠାରୁ ଶୁକ୍ରବାର ଏକ ଖଲି ବୋଝେଇ ମହିନ୍ଦ୍ରା ମିନିଟ୍ରକ୍‌କୁ ଚଢ଼େୟାପଲ୍ଲୀ ବନ ବିଭାଗ କର୍ମଚାରୀ ଜବତ କରିଛନ୍ତି। ଘଟଣାରେ କେହି ଗିରଫ ହୋଇ ନ ଥିବା ଜଣାଯାଇଛି।

ଓଡ଼ି୨୫ଜି-୬୯୬୬ ନମ୍ବର ମହିନ୍ଦ୍ରା ମିନିଟ୍ରକ୍‌ରେ ଖଲି ବୋଝେଇ ହୋଇ ରାତିରେ ଦଶପଲ୍ଲା ଆସୁଥିବାବେଳେ ଚଢ଼େୟାପଲ୍ଲୀ ବନପାଳ ସୁରେଶ ସାହୁ, ବନରକ୍ଷୀ ବିଦ୍ୟାଧର ରାଉତ, ଜିତେନ୍ଦ୍ର ବେହେରା ଏବଂ ଉଦ୍ଧବ ମଳିକ ପ୍ରମୁଖ ଗାଡ଼ିର ପିଛାକରି ସୁନ୍ଦୁରୁକୁମ୍ପାଠାରୁ ଗାଡ଼ିକୁ ଜବତ କରିଥିଲେ। ଗାଡ଼ି ମଧ୍ୟରେ ୫୦ ବଣ୍ଡଲ ଶାଳଖଲି ଥିବା ଜଣାଯାଇଛି। ଜବତ ଖଲିର ମୂଲ୍ୟ ୨୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଜବତ ଗାଡ଼ି ଓ ଖଲିକୁ ଦଶପଲ୍ଲା ରେଞ୍ଜ ଅଫିସଠାରେ ରଖାଯାଇଥିବା ଡେପୁଟି ରେଞ୍ଜର ନିଖିଳେଶ ମଳିକଙ୍କ ସୂତ୍ରରୁ ଜଣାଯାଇଛି।

## ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ, ଇଟାମାଟି ଚାମ୍ପିୟନ

**ଖଣ୍ଡପଡ଼ା,୨୫।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ପଠାଣି ସାମନ୍ତ ପୂଜ୍ୟପୂଜା ଓ ମାମା ମେମୋରିଆଲ ମିଳିତ ଆନୁକୂଲ୍ୟରେ ମଧୁବନ ମିନି ଷ୍ଟାଡିୟମରେ ଆୟୋଜିତ ୪ର୍ଥ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ନୟାଗଡ଼ ଜିଲାର ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲରେ ମହାବୀର ସ୍ପୋର୍ଟସ କ୍ଲବ ଖଳିସାହିକୁ ୨-୦ସେଟ୍‌ରେ ପରାସ୍ତ କରି ଇଟାମାଟି ସ୍ମାଇକ୍ ଦଳ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଦିବସରେ ଶିକ୍ଷକ ପଞ୍ଚାନନ ମିଶ୍ର ମୁଖ୍ୟଅତିଥି ଓ ବିଶିଷ୍ଟ ଶିଶୁକବି କାଶୀନାଥ ଦାସ, ସାମାଜିକ କର୍ମୀ ପ୍ରଦୀପ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ବାରିକ ଓ ଖଣ୍ଡପଡାର ବହୁ ଯୁବକ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଗ୍ରାମାଞ୍ଚଳ କ୍ରିକେଟ ଉଦ୍‌ଘାଟିତ: ପଦାମାଳ ବିଜୟୀ

**ଖଣ୍ଡପଡ଼ା,୨୫।୧(ସ୍ୱ.ପ୍ର.)**

ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳପଡିଆଠାରେ ଶନିବାର ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ଯୋଗିଆପଲ୍ଲୀକୁ ହରାଇ ପଦାମାଳ କ୍ରିକେଟ କ୍ଲବ ବିଜୟୀ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ତଥା ଗୋକୁଳାନନ୍ଦ ଜୀଉ ମନ୍ଦିର ପରିଚାଳକ ଗଙ୍ଗାଧର ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ପଦାମାଳ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୯ ଉଇକେଟ ହରାଇ ୨୧୬ ରନ ସଂଗ୍ରହ କରିଥିଲା। ଜବାବରେ ଯୋଗିଆପଲ୍ଲୀ କ୍ରିକେଟ କ୍ଲବ ୧୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୯ରନ କରି ମ୍ୟାଚ ହାରିଯାଇଥିଲା। ବିଜୟୀ ଦଳର ରତ୍ନାକର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ବିଜୟ କୁମାର ମହାଳିକ ଓ ତପନ କୁମାର ଦାଶ ଖେଳ ପରିଚାଳନା କରିଥିଲେ।


ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି ଅତିଥି।

## ପୋଖରୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

**ରଣପୁର,୨୫।୧(ସ୍ୱ.ପ୍ର.)**

ରଣପୁର ବ୍ଲକ ଗୋପାଳପୁର ଗାଁରେ ଶନିବାର ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ସୁବ୍ରତ ସାହୁ (୧୬)। ସୁବ୍ରତ ଗାଁର ନୂଆ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ତେବେ ଗୋଡ ଖସିଯିବାରୁ ସେ ଗଭୀର ଜଳରେ ବୁଡିଯାଇଥିଲେ। ଦୀର୍ଘସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଶେଷରେ ଉକ୍ତ ପୋଖରୀରୁ ତାଙ୍କର ମୃତଦେହ ଉଦ୍ଧାର ହୋଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଅତିଥିମାନେ ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

**ନୟାଗଡ଼ ଅଫିସ,୨୫।୧**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜନ୍ମେଜୟ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ସାହିତ୍ୟିକ ଶରତ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟବକ୍ତା, ବ୍ୟଙ୍ଗକବି ଆର୍ତ୍ତତ୍ରାଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିନାଥ ମହାପାତ୍ର, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଅନ୍ତର୍ଯ୍ୟାମୀ ପତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ତଥା ସଂସ୍କାରୀ ଭାବେ ଗଢ଼ି ତୋଳିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ରୋପ୍‌ୱେ ଯୋଜନା ଫାଇଲ ତଳେ

**ଖଣ୍ଡପଡ଼ା,୨୫।୧(ସ୍ୱ.ପ୍ର.)**

- ପର୍ଯ୍ୟଟନ କ୍ଷେତ୍ର ଶ୍ରୀନୀଳମାଧବ ପୀଠ
- ରାଜନୈତିକ ଇଚ୍ଛାଶକ୍ତିର ଅଭାବ ପ୍ରକଳ୍ପ କାର୍ଯ୍ୟକାରିତାରେ ବାଧକ

ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କଣ୍ଟିଲୋ ଶ୍ରୀ ନୀଳମାଧବ ପୀଠକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ଆସୁଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ବୟସାଧିକ୍ୟ ଓ ଭିନ୍ନକ୍ଷମ କାରଣରୁ ପାହାଡ ଚଢି ମନ୍ଦିରକୁ ଯିବା କଷ୍ଟସାଧ ହେଉଛି। ଏଥିପାଇଁ ଏଠାରେ ଏକ ରୋପୱେ ପ୍ରକଳ୍ପ ପାଇଁ ପରିକଳ୍ପନା କରାଯାଇ ସର୍ଭେ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମାତ୍ର ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

କଣ୍ଟିଲୋ ନୀଳମାଧବ ମନ୍ଦିରଟି ମହାନଦୀକୂଳ ବ୍ରହ୍ମାଦ୍ରି ଓ ପଦ୍ମାଦ୍ରି ପାହାଡ ଶୀର୍ଷ ଦେଶରେ ଅବସ୍ଥିତ। ଏହାର ଚତୁଃପାର୍ଶ୍ୱରେ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦ୍ୱାର ରହିଛି। ପ୍ରତି ଦ୍ୱାରରେ ୫୪ଟି ସୁଉଚ୍ଚ ପାବଚ୍ଛ ଶ୍ରେଣୀ ଥିବାରୁ ଏଥିରେ ଜଣେ ସାଧାରଣ ପର୍ଯ୍ୟଟକ ଚଢ଼ିବା କଷ୍ଟସାଧ ହୋଇଥାଏ। ଏପରି କି ଜଣେ ଅକ୍ଷମ ତଥା ବୟସ୍କ ଶ୍ରଦ୍ଧାଳୁ ଶ୍ରୀ ଜୀଉଙ୍କ ଦର୍ଶନ ପାଇଁ ଏହି ପାବଚ୍ଛ ଚଢି ଯିବା ଅସମ୍ଭବ ହୋଇଥାଏ । ଯାତ୍ରୀମାନଙ୍କ ଏପରି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଲୋକ ପ୍ରତିନିଧି, ଜିଲା ଓ ରାଜ୍ୟ ପ୍ରଶାସନ ପାଖରେ ଦାବି ହୋଇଆସୁଥିଲା। ଏପରିସ୍ଥଳେ ୨୦୧୪ ନଭେମ୍ବର ୧୩ ତାରିଖରେ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ଓ ରାଜ୍ୟ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଜାନକୀ ବଲ୍ଲଭ ମହାପାତ୍ର ନୀଳମାଧବ ଜୀଉଙ୍କ ପରିଦର୍ଶନରେ ଆସିବା ସମୟରେ ପାହାଡ ଉପରକୁ ଚଢି ଠାକୁରଙ୍କୁ ଦର୍ଶନ କରିବା ଯାତ୍ରୀମାନଙ୍କ ପାଇଁ କିପରି ସମସ୍ୟା ସୃଷ୍ଟି କରୁଛି ସେ ସମ୍ପର୍କରେ ଅବଗତ ହୋଇଥିଲେ। ପରେ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ରହିଥିବା ପର୍ଯ୍ୟଟନ ସ୍ଥଳକୁ ଯେପରି ରୋପ ୱେ ଦ୍ୱାରା ପର୍ଯ୍ୟଟକମାନେ ଯାଇଥାନ୍ତି ସେପରି ଏକ ପ୍ରକଳ୍ପ କରାଯିବାକୁ ଉଦ୍ୟମ ଆରମ୍ଭ ହୋଇଥିଲା। ୨୦୧୬ ମାର୍ଚ୍ଚ ୧ତାରିଖରେ ବିଧାୟକ ଓ ଜଳ ସମ୍ପଦ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପରାମର୍ଶ କ୍ରମେ ଲିଙ୍ଗରାଜ ଆସୋସିଏଟ୍ ହୀରାକୁଦ ରୋପୱେର କନ୍‌ସଲଟାଣ୍ଟ ସର୍ଭେ କରି ମନ୍ଦିର ପଶ୍ଚିମପାର୍ଶ୍ୱ ପାଦଦେଶରୁ ପାହାଡର ଶୀର୍ଷ ଭାଗକୁ ପ୍ରାୟ ୧୭୫ ମିଟର ରୋପ ୱେ କରାଯିବାକୁ ମତପୋଷଣ କରିଥିଲେ। ପ୍ରାଥମିକ ସର୍ଭେ କ୍ରମେ ଏହି ପ୍ରକଳ୍ପର ବଜେଟ ପ୍ରାୟ ସାଢେ ୩ରୁ ୪ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଥିଲା । ଏହି ସର୍ଭେ ରିପୋର୍ଟକୁ ନୟାଗଡ ଜିଲାପାଳଙ୍କୁ ପ୍ରଦାନ କରାଯିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ଆର୍ଥିକ ଅନୁଦାନ ପାଇଁ ଏହାର ଡିପିଆର ଓ ଡ୍ରଇଂ ଡିଜାଇନ ପର୍ଯ୍ୟଟନ ବିଭାଗରୁ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ। ଅନୁଦାନ ମଞ୍ଜୁର ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏ ଦିଗରେ କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ନ ହେବାରୁ ଏହି ପ୍ରକଳ୍ପ ସ୍ୱପ୍ନରେ ରହିଯାଇଛି। ଏ ସମ୍ପର୍କରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଏ ନେଇ ପର୍ଯ୍ୟଟନ ବିଭାଗ ସହ ଯୋଗାଯୋଗ ହୋଇଥିଲା, କିନ୍ତୁ କେଉଁଥିପାଇଁ କାର୍ଯ୍ୟ ଅଟକିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ବର୍ତ୍ତମାନର ସ୍ଥାନୀୟ ବିଧାୟକ ଓ ପର୍ଯ୍ୟଟନ ବିଭାଗ ଦୃଷ୍ଟିଦେଲେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଉଛି।


ଜଣେ ବୟସ୍କ ବ୍ୟକ୍ତିଙ୍କୁ ପାହଚ ଓହ୍ଲାଇବାରେ ସମ୍ପର୍କୀୟ ସାହାଯ୍ୟ କରୁଛନ୍ତି।

## ସଂକ୍ଷେପରେ

### ଭରଣ ପୋଷଣ ମାମଲା
## ମହିଳାଙ୍କୁ ୯୬ହଜାର ଟଙ୍କା ଦେବାକୁ କୋର୍ଟଙ୍କ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ,୨୫ା୧:** ଏକ ଘରୋଇ ହିଂସାକୁ ନେଇ ସ୍ତ୍ରୀଙ୍କୁ ଭରଣପୋଷଣ ପାଇଁ ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ ଏମ୍‌ସି ନଂ.୫୨/୧୮ରେ ଭାରତୀ ନାୟକ ଆବେଦନ କରିଥିଲେ। ଏହାର ଶୁଣାଣି କରି ଏସ୍‌ଡ଼ିଜେଏମ୍ ସରୋଜିନୀ ସାହୁ ଭାରତୀଙ୍କ ସ୍ୱାମୀ ଯୁଧିଷ୍ଠିର ନାୟକଙ୍କୁ କୋର୍ଟରେ ହାଜର ହେବାକୁ ନୋଟିସ ଜାରି କରିଥିଲେ। କୋର୍ଟ ବାରମ୍ବାର ନୋଟିସ ସତ୍ତ୍ୱେ ଯୁଧିଷ୍ଠିର ନୋଟିସ ରଖି ନ ଥିଲେ କି କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ପୁରୁଷୋତ୍ତମପୁର ଥାନା କୁଶପୁରରେ ରହୁଥିବା ଯୁଧିଷ୍ଠିରଙ୍କୁ ୯୬,୫୦୦ ଟଙ୍କା ସ୍ତ୍ରୀ ଭାରତୀଙ୍କ ଭରଣ ପୋଷଣ ପାଇଁ ଦେବାକୁ ନିର୍ଦ୍ଦେଶ ଦେଇଛି। ଯୁଧିଷ୍ଠିର ଏହି ଟଙ୍କା ତାଙ୍କ ସ୍ତ୍ରୀଙ୍କୁ ଦେବା ପାଇଁ କୋର୍ଟ ୱାରେଣ୍ଟ ଜାରି କରି ପୁରୁଷୋତ୍ତମପୁର ଥାନାକୁ ନିର୍ଦ୍ଦେଶ ଦେଇଥିବା ଆବେଦନକାରୀଙ୍କ ଓକିଲ ରତିକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି।

## ବିଦ୍ୟାଳୟରେ ଆଇନ ସଚେତନତା ସଭା

**ଦିଗପହଣ୍ଡି,୨୫ା୧(ଡି.ଏନ.ଏ.):** ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ କେଦାରପୁର ଗ୍ରାମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ଅଧକ୍ଷ ତଥା ଦିଗପହଣ୍ଡି କୋର୍ଟର ମାଜିଷ୍ଟ୍ରେଟ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ ସଭାରେ ଅଧକ୍ଷତା କରିଥିଲେ। ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରସାନନ୍ଦ ଘଡେଇ, ଓକିଲ ସଂଘ ସଭାପତି ରସାନନ୍ଦ ରାଉତ, ସମ୍ପାଦକ ହରପ୍ରସାଦ ରଥ, ଉପସଭାପତି ବିଜୟ କୁମାର ପ୍ରଧାନ, ଆଇନ ସେବା କମିଟି ସମ୍ପାଦକ ନୃସିଂହ ଚରଣ ଦାଶ, ଗୋଷ୍ଠୀ ସାଧନ କର୍ମୀ ସ୍ୱୟଂପ୍ରଭା ପଟ୍ଟନାୟକ, ପ୍ରଧାନ ଶିକ୍ଷକ ଗୋପୀନାଥ ପଟ୍ଟନାୟକ, ସରପଞ୍ଚ ପ୍ରତିନିଧି ଏସ୍. ଗାନ୍ଧୀ ଦୋରା, ୱାର୍ଡ ମେମ୍ବର ଅର୍ଜୁନ ରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ଟ୍ରକ୍ ଧକ୍କାରେ ଛାତ୍ରଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୫ା୧**-ସ୍ଥାନୀୟ ଆମ୍ବ ମାର୍କେଟ ନିକଟ ରାଜରାଣୀ ଆପାର୍ଟମେଣ୍ଟ ଛକରେ ଶନିବାର ଏକ ଟ୍ରକ୍ ଧକ୍କାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣଙ୍କ ଫାଷ୍ଟଗେଟ ଶ୍ରୀକ୍ଷେତ୍ର ବିହାରର ହାଡୁ ବନ୍ଧୁ ନାହାକଙ୍କ ପୁଅ ମୁକ୍ତିକାନ୍ତ (୧୯)। ସେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ର ବୋଲି ପୋଲିସ କହିଛି। ଟ୍ରାଫିକ ଥାନା ପୋଲିସ ମୃତଦେହ ଜବତ କରି ୫/୨୦ରେ ଏକ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, ମୁକ୍ତିକାନ୍ତ ଶନିବାର ଅପରାହ୍ନରେ କଲେଜ ହଷ୍ଟେଲରେ ରହୁଥିବା ତାଙ୍କ ସାଙ୍ଗ ନିକଟକୁ କିଛି ବହି ନେବା ପାଇଁ ଆସିଥିଲେ। ସେ ନିଜ ବାଇକ୍ (ନଂ ଓଡ଼ି୦୭ଏବି-୫୬୬୨)ରେ ଘରକୁ ଫେରୁଥିଲେ। ପଛପଟୁ ଆସୁଥିବା ଏକ ଟ୍ରକ (ନଂ ଜିଜେ ୦୧ -୨୦୯୫) ତାଙ୍କ ଗାଡିକୁ ଧକ୍କା ଦେଇଥିଲା। ଫଳରେ ଛାତ୍ର ଜଣକ ଛିଟିକି ପଡ଼ିଥିଲେ। ଟ୍ରକଟି ତାଙ୍କ ମୁଣ୍ଡ ଉପରେ ମାଡି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

# କନ୍ୟା ଏକ ଉଜ୍ଜ୍ୱଳ ତାରକା

**ଗଣିଆ,୨୫ା୧(ଡି.ଏନ୍.ଏ.)**



ସଭାରେ ଉପସ୍ଥିତ ଅତିଥିମାନେ।

■ ଜାତୀୟ କନ୍ୟାସନ୍ତାନ ଦିବସ
■ ସଚେତନତା ନିମନ୍ତେ ଶପଥ ପାଠ

ପୁଅଟିଏ ଜନ୍ମହେଲେ ରୋଜଗାର କରି ପୋଷିବ ଓ ବଂଶ ରକ୍ଷା କରିବ । କନ୍ୟା ସନ୍ତାନ ଜନ୍ମ ହେଲେ ପରଘରକୁ ଚାଲିଯିବ ଏବଂ ବିବାହ ବେଳେ ଯୌତୁକ ପାଇଁ ମା'ବାପାଙ୍କ ଲାଗି ବୋଝ ସାଜିବ। ଏଭଳି ହୀନ ମାନସିକତା ଯୋଗୁ ସମାଜରେ ଦିନକୁ ଦିନ ପୁଅମାନଙ୍କ ତୁଳନାରେ ଝିଅମାନଙ୍କ ସଂଖ୍ୟା କମିବାରେ ଲାଗିଛି। ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ତରଫରୁ ୨୦୦୮ରୁ ପ୍ରତିବର୍ଷ ଜାନୁୟାରୀ ୨୪ ତାରିଖକୁ ଜାତୀୟ କନ୍ୟାସନ୍ତାନ ଦିବସ ରୂପେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଶନିବାର ଜାତୀୟ କନ୍ୟାସନ୍ତାନ ଦିବସ ପାଳନ କରାଯାଇଛି। ଏଥିରେ ପୁଅ-ଝିଅ ମଧ୍ୟରେ ଥିବା ଅସମାନତା, ବାଲ୍ୟବିବାହ, ବଳାତ୍କାର, ଲିଙ୍ଗ ନିରୂପଣ, ଭ୍ରୂଣହତ୍ୟା ଓ ଦୈନନ୍ଦିନ ମହିଳାଙ୍କ ପ୍ରତି ଘଟୁଥିବା ହିଂସା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲିଙ୍ଗଗତ ଭେଦଭାବ ଯୋଗୁ କନ୍ୟା ଶିଶୁମାନେ ଶିକ୍ଷା, ଚିକିତ୍ସା, ପୋଷଣ ପରି ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସମାଜରେ ଲିଙ୍ଗଗତ ବୈଷମ୍ୟ ରହିଥିଲେ ସୁଦ୍ଧା ପୁଅମାନଙ୍କ ତୁଳନାରେ ଝିଅମାନେ ଶିକ୍ଷା, କ୍ରୀଡ଼ା, ସାମରିକ, ପ୍ରଶାସନିକ ଓ ରାଜନୈତିକ କ୍ଷେତ୍ରରେ ପାରଦର୍ଶିତା ଲାଭ କରୁଛନ୍ତି। ନାରୀଠାରୁ ସୃଷ୍ଟି ଆରମ୍ଭ। କନ୍ୟାଟିଏ ଭବିଷ୍ୟତରେ ଏକ ଉତ୍ତମ ଝିଅ, ଭଉଣୀ, ସ୍ତ୍ରୀ, ମା' ଏବଂ ଅନ୍ୟ କେତେ ଭଲ ସମ୍ବନ୍ଧ ସୃଷ୍ଟି କରେ। ସ୍ନେହ ଓ ଯତ୍ନର ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେଲେ କନ୍ୟାଟିଏ ଏକ ଉଜ୍ଜ୍ୱଳ ତାରକା ଭାବେ ପ୍ରସ୍ଫୁଟିତ ହେବ ବୋଲି ଅତିଥିମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ରୁଗ୍‌ଣ ମାନସିକଗ୍ରସ୍ତ ମା'ବାପା ମା' ଗର୍ଭରେ ଥିବା ନିଷ୍ପାପ ଶିଶୁକୁ ହତ୍ୟା କରିବାଠାରୁ ଆରମ୍ଭ କରି କନ୍ୟାଟିକୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଚାଲିଛନ୍ତି। କନ୍ୟା ସନ୍ତାନଙ୍କ ପ୍ରତି ହେଉଥିବା ଏଭଳି ଆଚରଣକୁ ଦୂର କରିବା ସହ ବାଲ୍ୟବିବାହ, ଭ୍ରୂଣହତ୍ୟା ଓ ହିଂସା କିଭଳି ରୋକାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ବାଲ୍ୟବିବାହକୁ ରୋକିବା ପାଇଁ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ସମସ୍ତେ ଶପଥ ପାଠ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା ମୁଖ୍ୟଅତିଥି ଓ ସିଡିପିଓ ଲକ୍ଷ୍ମୀ ଦାସ, ମେଡିକାଲ ଅଫିସର ଡା. ମଧୁସୂଦନ ଦାସ, ଗଣିଆ ସମିତିସଭ୍ୟା ସନ୍ଧ୍ୟାରାଣୀ ସାହୁ, ଜିୟୁସିର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା, ପିଏଚଇଓ କମଳା ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଜାତୀୟ ମତଦାତା ଦିବସ

**ନୟାଗଡ଼ ଅଫିସ,୨୫ା୧**

ଜିଲା ପ୍ରଶାସନ ପକ୍ଷରୁ ଶନିବାର ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଜାତୀୟ ମତଦାତା ଦିବସ (ନ୍ୟାଶନାଲ୍ ଭୋଟର୍ସ ଡେ) ପାଳିତ ହୋଇଯାଇଛି। ଜିଲାପାଳ ଡା. ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୂତନ ଭାବେ ୧୮ ବର୍ଷ ହୋଇଥିବା ଭୋଟରମାନଙ୍କୁ ସେମାନଙ୍କ ପରିଚୟପତ୍ର ପ୍ରଦାନ କରିଥିଲେ। ସେହିଭଳି ଜିଲାପାଳ ଟୁଡୁ ସେମାନଙ୍କୁ ମତଦାନ କରିବା ପାଇଁ ଉତ୍ସାହିତ କରିଥିଲେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ମତଦାତାମାନେ ଭୋଟଦେବା ସହ ଗଣତନ୍ତ୍ରକୁ ସମୃଦ୍ଧ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଜିଲାପାଳ ଉପସ୍ଥିତ ସରକାରୀ କର୍ମଚାରୀ, ଛାତ୍ରୀଛାତ୍ର, ଯୁବକ, ସାମାଜିକକର୍ମୀ, ବରିଷ୍ଠ ନାଗରିକଙ୍କୁ ମତଦାତା ସଙ୍କଳ୍ପ ଶପଥପାଠ କରାଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଫୁଲବାଣୀକୁ ହରାଇ ଫାଇନାଲରେ ଭୁବନେଶ୍ୱର

**ରାଜ୍ୟସ୍ତରୀୟ ଗଣିଆ କପ ଫୁଟବଲ ଟୁର୍ନାମେଣ୍ଟ**

**ଗଣିଆ,୨୫ା୧(ଡି.ଏନ୍.ଏ.)**

ଗଣିଆ ମିନି ଷ୍ଟାଡିୟମରେ ଚାଲୁଥିବା ରାଜ୍ୟସ୍ତରୀୟ ଗଣିଆ କପ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ ସେମିଫାଇନାଲ ଖେଳରେ ପେନାଲ୍‌ଟି ଶୁଟ୍‌ଆଉଟରେ ପଦ୍ମଶ୍ରୀ ସ୍ପୋର୍ଟିଂ କ୍ଲବ ଫୁଲବାଣୀକୁ ୩-୨ ଗୋଲରେ ହରାଇ ଭୁବନେଶ୍ୱର ୟାଙ୍ଗ୍‌ଦାନୀ କ୍ଲବ-୭୩ ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ଶେଷସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ପେନାଲ୍‌ଟି ଶୁଟ୍‌ଆଉଟରେ ଭୁବନେଶ୍ୱର ଦଳ ୩ଟି ଗୋଲ ଦେଇଥିବା ବେଳେ ଫୁଲବାଣୀ ଟିମ୍ ୨ଟି ଗୋଲ ସ୍କୋର କରିଥିଲା । ଫଳରେ ଭୁବନେଶ୍ୱର ଟିମ୍ ବିଜୟୀ ଘୋଷିତ ହୋଇଥିଲା। ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଯୁବ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଓ ସାମାଜିକ କର୍ମୀ ପ୍ରଦୀପ ସାହୁ, ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, କଣ୍ଟିଲୋ ଫାଣ୍ଡି ଅଧିକାରୀ ଜୟପ୍ରକାଶ ପରିଡା, ବ୍ଲକ ସରପଞ୍ଚ ସଂଘ ସଭାପତି ପ୍ରଫୁଲ୍ଲ କୁମାର ବେହେରା, ଜିଲାର ବରିଷ୍ଠ ଫୁଟବଲ ଖେଳାଳି ରିଟୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମ୍ୟାଚ୍ ରେଫରି ଭାବେ ପ୍ରଶାନ୍ତ କୁମାର ପାଲ, ଶିବ ପ୍ରସାଦ ପଣ୍ଡା, ସୁଶାନ୍ତ କୁମାର ମିଶ୍ର ଓ ସୁଜିତ କୁମାର ପାତ୍ର ଖେଳ ପରିଚାଳନା କରିଥିଲେ। ସୋମବାର ମା' ଭୁଆସୁଣୀ ସ୍ପୋର୍ଟିଂ କ୍ଲବ, ବିଡାନାସୀ, କଟକ ଓ ଭୁବନେଶ୍ୱର ୟାଙ୍ଗ୍‌ଦାନୀ କ୍ଲବ-୭୩ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।


ଖେଳର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଶ୍ୱାସରୋଗ ପରୀକ୍ଷା ଶିବିର

**ପୁରୀ ଅଫିସ,୨୫ା୧**

ପୁରୀସ୍ଥିତ ହୋଟେଲ ହଲିଡେ ରିସୋର୍ଟରେ ଶୁକ୍ରବାର ଶ୍ୱାସରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ଶ୍ରୀଜଗନ୍ନାଥ ଧାମ ପୁରୀ, ରୋଟାରୀ କ୍ଲବ, କଳିଙ୍ଗ ବୈଶ୍ୟ ସଂଘ, କଳିଙ୍ଗ ବୈଶ୍ୟ ଯୁବକ ସଂଘ ଏବଂ କଳିଙ୍ଗ ବୈଶ୍ୟ ମହିଳା ସଂଘ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଏଥିରେ ବିଶିଷ୍ଟ ଶ୍ୱାସରୋଗ ବିଶେଷଜ୍ଞ ଡା. ନାରାୟଣ ମିଶ୍ର ଯୋଗଦେଇ ରୋଗୀମାନଙ୍କ ପରୀକ୍ଷା କରିଥିଲେ। ପୁରୀ ହୋଟେଲ ସଂଘ ସମ୍ପାଦକ ରାଜକିଶୋର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ବହୁ ସଂଖ୍ୟାରେ ଶ୍ୱାସରୋଗୀ ଯୋଗଦେଇ ସ୍ପାଇରୋମିଟର ଦ୍ୱାରା ପରୀକ୍ଷା କରାଇଥିଲେ।

## ଜମିବାଡିକୁ ନେଇ ଆକ୍ରମଣ: ଜଣେ ମୃତ

**ଖଣ୍ଡପଡ଼ା,୨୫ା୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅନ୍ତର୍ଗତ ବେଣାଗାଡିଆ ଗ୍ରାମରେ ଶନିବାର ଜମିବାଡିକୁ କେନ୍ଦ୍ର କରି ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରମୋଦ ଦାସ (୫୧)।

ଅଭିଯୋଗ ଅନୁଯାୟୀ, ଦୀଘଦିନ ଧରି ଜମିବାଡିକୁ କେନ୍ଦ୍ର କରି ପ୍ରମୋଦ ଓ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଶନିବାର ରାତି ପ୍ରାୟ ୮ଟା୪୫ ମିନିଟରେ ପ୍ରମୋଦ ବେଣାଗାଡିଆ ବଜାରରେ ଛିଡା ହୋଇଥିଲେ। ଏହି ସମୟରେ ବେଣାଗାଡିଆ ପଞ୍ଚାୟତ କାଦୁଆ ଗ୍ରାମର ଦୁଇ ବ୍ୟକ୍ତିଙ୍କ ସହ ଅନ୍ୟ ୨ଜଣ ସହଯୋଗୀ ସେଠାରେ ପହଞ୍ଚି ମାରଣାସ୍ତ୍ରରେ ପ୍ରମୋଦଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଖଣ୍ଡପଡା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏଭଳି କାଣ୍ଡ ଘଟାଇ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏ ସମ୍ପର୍କରେ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ସୂତ୍ରରୁ ପ୍ରକାଶ।

# ଟ୍ରକ୍-ସ୍କୁଟି ଧକ୍କା: ୩ ଗୁରୁତର

**ପୁରୁଷୋତ୍ତମପୁର, ୨୫ା୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ରେଗିଡି ଛକ ନିକଟରେ ଶନିବାର ରାତିରେ ଏକ ସ୍କୁଟି-ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ ସ୍କୁଟି ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ପରିଚୟ ଜଣାପଡିନାହିଁ। ଟ୍ରକ୍ ଡ୍ରାଇଭର ଦୁର୍ଘଟଣା ଘଟାଇ ଘଟଣା ସ୍ଥଳରୁ ଗାଡି ନେଇ ଫେରାର ହୋଇଯାଇଛନ୍ତି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ବ୍ରହ୍ମପୁର-ପୁରୁଷୋତ୍ତମପୁର ମୁଖ୍ୟ ରାସ୍ତା ଟାୟାର ଜାଳି ଅବରୋଧ କରିଥିଲେ। ଖବର ପାଇ ପୁରୁଷୋତ୍ତମପୁର ଥାନା ଆଇଆଇସି ଜଗନ୍ନାଥ ମଲ୍ଲିକ ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଆନ୍ଦୋଳନକୁ ହଟାଇଥିଲେ। ପୁରୁଷୋତ୍ତମପୁର ଦମକଳ ବାହିନୀ ସହାୟତାରେ ଆହତଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛନ୍ତି। ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଟ୍ରକ ନଂ (ଓଡି ୦୭ କେ ୨୩୭୯)କୁ ଭାବନ୍ଧ ଗ୍ରାମରୁ ଜବତ କରାଯାଇଛି। ସ୍କୁଟି ନଂ. (ଓଡି ୦୭ ଏଡି ୨୭୦୫)କୁ ମଧ୍ୟ ପୋଲିସ ଜବତ କରିଛି।


ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ବ୍ରହ୍ମପୁର-ପୁରୁଷୋତ୍ତମପୁର ରାସ୍ତା ଅବରୋଧ କରିଛନ୍ତି।

# ସ୍ତ୍ରୀକୁ ହତ୍ୟା କରି ଫୋପାଡି ଦେଲେ ସ୍ୱାମୀ

**ଖୋର୍ଦ୍ଧା ଅଫିସ,୨୫ା୧**

■ ପୁରୀରେ ନିଖୋଜ ବୋଲି ପ୍ରଚାର କଲେ
■ ମିଥ୍ୟା କହି ପୋଲିସର ନଷ୍ଟ କଲେ ସମୟ
■ କ୍ରସର ନିକଟରୁ ଉଦ୍ଧାର ହେଲା ମୃତଦେହ

ଖୋର୍ଦ୍ଧା ପୋଲିସ ଜିଲା ଜଙ୍କିଆ ଥାନାର ମଳିପଡାରେ ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରି ଫୋପାଡି ଦେଇଥିଲେ। ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିବାକୁ ଯାଇ ସ୍ତ୍ରୀ ପୁରୀରେ ନିଖୋଜ ହୋଇଗଲେ ବୋଲି ପ୍ରଚାର କରିଥିଲେ। ଶାଶୁଶ୍ୱଶୁରଙ୍କ ସମ୍ମୁଖରେ ସ୍ତ୍ରୀଙ୍କୁ ମାରି ଦେଇଥିବାର ସ୍ୱୀକାର କରି ମୃତଦେହ ଦେଖାଇବାକୁ ପୋଲିସକୁ ବିଭିନ୍ନ ସ୍ଥାନକୁ ନେଇ ସମୟ ନଷ୍ଟ କରିଛନ୍ତି। ତେବେ ସ୍ତ୍ରୀଙ୍କ ମୃତଦେହ ଗୋଳବାଇ ରାଣିପା କ୍ରସର ନିକଟରୁ ଶନିବାର ଜବତ କରିବାରେ ପୋଲିସ ସକ୍ଷମ ହୋଇଛି। ଏହି ଘଟଣାରେ ପୋଲିସ ନୟାଗଡ ଜିଲା ବାଣିଗୋଛା ଗାଁର ଦିପ୍ତୀମାନ ସାହୁ (୨୫)ଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଖବରପାଇ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ ଓ ଏସ୍‌ଡିପିଓ ସୁଶୀଲ ମିଶ୍ର, ଆଇଆଇସି ସତ୍ୟଜିତ ଲେଙ୍କା ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ, ବାଣିଗୋଛା ଗାଁର ଦିପ୍ତୀମାନ ସେହିଗାଁର ରୁନିତି ସାହୁ(୨୮)ଙ୍କୁ ବିବାହ କରିଥିଲେ। ଏହି ଦମ୍ପତି ରୋଜଗାର ଆଶାରେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ମଳିପଡାସ୍ଥ ଏକ ଚିଙ୍ଗୁଡି ଫାକ୍ଟ୍ରିରେ କାମ କରୁଥିଲେ। ଗତ ୨୧ ତାରିଖରେ ଦିପ୍ତୀମାନ ଓ ରୁନିତି ପୁରୀ ବୁଲିବାକୁ ଯାଇଥିଲେ। ହେଲେ ଘରକୁ ରୁନିତି ଫେରି ନ ଥିଲେ। ଦିପ୍ତୀମାନ ଘରକୁ ଫେରି ରୁନିତି ପୁରୀରେ ନିଖୋଜ ହୋଇଗଲେ ବୋଲି କହିଥିଲେ। ଖୋଜାଖୋଜି ପରେ ଟେର ମିଳି ନ ଥିଲା ବୋଲି ସଫେଇ ଦେଇଥିଲେ। ପରେ ୨୧ରୁ ୨୨ ତାରିଖ ଗାଁରେ ଯାଇ ରହିଥିଲେ। ଗାଁରେ ଶ୍ୱଶୁର ଘର ହୋଇଥିବାରୁ ରୁନିତିଙ୍କ ସମ୍ପର୍କରେ ଶ୍ୱଶୁର ଘର ଲୋକ ପଚରାଉଚୁରା କରିଥିଲେ। ହେଲେ ଶେଷରେ ଦିପ୍ତୀମାନ ସ୍ତ୍ରୀକୁ ହତ୍ୟା କରି ଫୋପାଡି ଦେଇଥିବା ଶ୍ୱଶୁର ଘରେ କହିଥିଲେ। ଶ୍ୱଶୁର ଘର ଲୋକ ଜ୍ୱାଇଁଙ୍କୁ ସାଙ୍ଗରେ ଧରି ଜଙ୍କିଆ ଥାନାରେ ଗତ ୨୪ ତାରିଖରେ ପହଞ୍ଚିଥିଲେ। ରୁନିତି ନିଖୋଜ ଓ ଜ୍ୱାଇଁ ହତ୍ୟା କରିଥିବା ସ୍ୱୀକାର କରିଥିବା ନେଇ ପୋଲିସକୁ ଅବଗତ କରିଥିଲେ। ଏହା ପରେ ଦିପ୍ତୀମାନଙ୍କୁ ଧରି ଜଙ୍କିଆ ଥାନା ପୋଲିସ ମୃତଦେହ ଖୋଜିଥିଲା। ଦିପ୍ତୀମାନର ସୂଚନା ଅନୁସାରେ, ମଳିପଡାର ବିଭିନ୍ନ ଜଙ୍ଗଲିଆ ଅଞ୍ଚଳ ଖୋଜିଥିଲା। ହେଲେ ଟେର ମିଳି ନ ଥିଲା। ଶେଷରେ ଶନିବାର ମୃତଦେହ ମିଳିଗଲା ପରେ ଦିପ୍ତୀମାନ ହତ୍ୟା କରି ଫୋପାଡିଥିବା ରାଜି ହୋଇଛି। ତେବେ ହତ୍ୟାକାଣ୍ଡର କାରଣ, କିପରି ହତ୍ୟା କଲା, କେଉଁଦିନ ହତ୍ୟା କଲା ମୁହଁ ଖୋଲୁନାହାନ୍ତି। ଏପଟେ ରୁନିତିଙ୍କ ହତ୍ୟା ନେଇ ଅଭିଯୋଗ ମଧ ହୋଇନାହିଁ। ଏଭଳିସ୍ଥଳେ ପୋଲିସ କେବଳ ତଦନ୍ତ ଚଳାଇଛି।

# ବୃଦ୍ଧାବସ୍ଥାରେ ଉଦାହରଣ ସାଜିଛନ୍ତି ଲୀଳା

**ବ୍ରହ୍ମପୁର ଅଫିସ, ୨୫ା୧**

ସାନବଜାରସ୍ଥିତ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ସମ୍ମୁଖରେ ଜଣେ ବୃଦ୍ଧା ସର୍ବଦା ନିଜ କାମରେ ବ୍ୟସ୍ତ ରହିଥାନ୍ତି। ବୃଦ୍ଧା ଜଣକ ଅନ୍ୟଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ସେ ହେଲେ ୧୭ ନମ୍ବର ୱାର୍ଡ଼ର ଲୀଳା ଗୁଜୁରାଟୀ(୬୦) ରୁ ଊର୍ଦ୍ଧ୍ୱ । ପରିଣତ ବୟସରେ ବି ଅନ୍ୟ ଉପରେ ନିର୍ଭରଶୀଳ ନୁହନ୍ତି । ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ସମ୍ମୁଖରେ ପ୍ରତିଦିନ ପୁରୁଣା ଚିରା ଫଟା ଶାଢ଼ି ପାଟଶାଢ଼ି ପୋଷାକ ଜିନ୍ସକୁ ସିଲେଇ କରି ନୂଆ ରୂପ ଦେଇଥାନ୍ତି । ଚିରା ଫଟା କପଡ଼ାକୁ ପୁନର୍ଜନ୍ମ ଦିଅନ୍ତି ଲୀଳା। ସେଥିରୁ ଦିନକୁ କେବେ ଶହେ ରୋଜଗାର ହୁଏ ତ କେବେ ଦୁଇ ଶହ। ରୋଗବ୍ୟାଧି ହେଲେ ବାଧ୍ୟ ହୋଇ ଭୋକରେ ପାଣି ପିଇ ଶୋଇପଡ଼ନ୍ତି । ଲୀଳାଙ୍କ ବାପା ଗୁଜରାଟ ରାଜ୍ୟର କିନ୍ତୁ ଦୀର୍ଘ ୭୦ ବର୍ଷ ହେବ ବ୍ରହ୍ମପୁର ମହାନଗର ନିଗମ ୧୭ ନମ୍ବର ୱାର୍ଡ଼ରେ ବାସ କରି ଆସୁଛନ୍ତି । ଭୋଟର କାର୍ଡ଼ ସହ ଆଧାର କାର୍ଡ଼ ମଧ୍ୟ ଅଛି । ଦୀର୍ଘ ୨୦ ବର୍ଷ ହେବ ଲୀଳାଙ୍କ ସ୍ୱାମୀଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ମୃତ୍ୟୁ ଘଟିଥିଲା । ପୁଅ ବିବାହ କରି ପଶ୍ଚିମବଙ୍ଗରେ ରହୁଛନ୍ତି । ବିଧବା ମା'ଙ୍କ ଭରଣପୋଷଣ କେହି କିଛି କରନ୍ତି ନାହିଁ । ନିଜ ଗୁଜରାଣ ମେଣ୍ଟାଇବା ପାଇଁ ଅନ୍ୟ ଉପରେ ଭରସା ନ କରି କାମ କରୁଛନ୍ତି ସେ । ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ୨ ବର୍ଷ ହେବ ମଧୁବାବୁ ପେନସନ ଯୋଜନାରେ ମିଳୁଥିଲା । ୩ ମାସ ହେବ ତାହା ମଧ୍ୟ ବନ୍ଦକରି ଦିଆଯାଇଛି। କାଉନ୍‌ସିଲରଙ୍କୁ କହି କହି ଥକି ଗଲିଣି ତଥାପି ସେ ଶୁଣୁ ନ ଥିବା ପ୍ରତିକ୍ରିୟାରେ ଲୀଳା ପ୍ରକାଶ କରିଛନ୍ତି। ଅସୁସ୍ଥ ହୋଇ ଆଖି ଅପରେଶନ୍ ମଧ ହୋଇଥିଲା । ଠିକ୍‌ରେ ଦେଖା ଯାଉ ନାହିଁ । ତଥାପି ପଛଘୁଞ୍ଚା ନ ଦେଇ ବର୍ଷା, ଖରା, ଶୀତରେ କାମ କରୁଛନ୍ତି । ବୃଦ୍ଧାବସ୍ଥାରେ ବି ଭିକ୍ଷା ବୃତ୍ତି ନ କରି ଅନ୍ୟଙ୍କୁ ସନ୍ଦେଶ ଦେଉଛନ୍ତି। ମୃତ୍ୟୁ ପର୍ଯ୍ୟନ୍ତ ସଂଘର୍ଷ କରି ଚାଲ । ସଂଘର୍ଷ ହିଁ ଜୀବନ।


ଲୀଳା ସିଲେଇ କରୁଛନ୍ତି।

# ପୁରୀ ବେଳାଭୂମି ସ୍ୱଚ୍ଛ ରଖିବାକୁ ଆହ୍ୱାନ

**ପୁରୀ ଅଫିସ,୨୫ା୧**

**ସ୍ୱଚ୍ଛ ଭାରତ ଅଭିଯାନ**

ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ୍) ପକ୍ଷରୁ ଶନିବାର ସକାଳେ ଲାଇଟ୍ ହାଉସ ନିକଟ ବେଳାଭୂମିରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ବେଳାଭୂମିକୁ ସ୍ୱଚ୍ଛ ଏବଂ ସୁରକ୍ଷିତ ରଖିବା ଲାଗି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ କହିଥିଲେ, ଭଗବାନ ଜଗନ୍ନାଥଙ୍କ କୃପାରୁ ପୁରୀକୁ ଦେଶ ବିଦେଶରୁ ଲୋକ ଆସୁଛନ୍ତି। ବେଳାଭୂମି ସ୍ୱଚ୍ଛ ରହିଲେ ସେମାନେ କିଛି ସମୟ ବସି ଖୁସି ହୋଇପାରିବେ। ପର୍ଯ୍ୟଟନ ପାଇଁ ନିଶ୍ଚିତ ଅର୍ଥ ଦରକାର। କିନ୍ତୁ ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଲୋକଙ୍କ ମନରେ ଥିବା ଧାରଣାକୁ ପରିବର୍ତ୍ତନ କରିବା। ଅର୍ଥାତ୍ ବେଳାଭୂମି ହେଉ କି ଅନ୍ୟ କୌଣସି ଦର୍ଶନୀୟସ୍ଥଳ ପ୍ରତି ଯଦି ଖରାପ ଧାରଣା ରହିବ ତେବେ ତାହାର ବିକାଶ ହୋଇପାରିବ ନାହିଁ। ତେଣୁ ଲୋକଙ୍କ ମନରେ ଭଲ ଧାରଣା ସୃଷ୍ଟି କରିପାରିଲେ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଓଡ଼ିଶାର ବିସ୍ତୀର୍ଣ୍ଣ ୪୫୦ କିମିରୁ ଊର୍ଦ୍ଧ୍ୱ ବେଳାଭୂମି ସ୍ୱଚ୍ଛ ରହିବା କ୍ଷେତ୍ରରେ ପୁରୀ ବେଳାଭୂମି ଆଦର୍ଶ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଥିଲେ, ପୁରୀ ବେଳାଭୂମି ସ୍ୱଚ୍ଛ ଓ ସୁନ୍ଦର ରହିଲେ ଆମେ ସବୁଦିଗରୁ ଉପକୃତ ହୋଇପାରିବା। ସରକାର ସବୁ କରିବେ ଏଭଳି ମାନସିକତା କେହି ରଖିବା କଥା ନୁହେଁ। ସରକାର ଗୋଟିଏ ହାତ ଏବଂ ଜନସାଧାରଣ ଗୋଟିଏ ହାତ ବଢାଇଲେ ବିକାଶ ହୋଇପାରିବ। ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କହିଥିଲେ, ବେଳାଭୂମିକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ବିଶେଷକରି ଯୁବପିଢ଼ି ଏ ଦିଗରେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ବିପିସିଏଲ୍‌ର ଦେବାଶିଷ ପାଲିତ୍, ରିଟେଲ ରାଜ୍ୟ ମୁଖ୍ୟ (ଓଡ଼ିଶା ଓ ଝାଡ଼ଖଣ୍ଡ) ସଞ୍ଜୟ ଶର୍ମା, ଏଲ୍‌ପିଜି ରାଜ୍ୟ ମୁଖ୍ୟ (ଓଡ଼ିଶା)ଙ୍କ ସମେତ ଏଚ୍‌ପିସି, ଗେଲ୍, ଏସ୍‌ଇଆରପିଏଲ୍, ସେଲ୍‌ର ବରିଷ୍ଠ ଅଧିକାରୀ ପି.ସି. ଚୌବେ, ଟିଡିଏସ୍ ଗୋପାଳକ୍ରିଷ୍ଣା, ଦୀନବନ୍ଧୁ ସାରେନ୍, ଦେବୀପ୍ରସାଦ ଶତପଥୀ, ଧର୍ମେନ୍ଦ୍ର ବେହୁରା, ଅଭୟଙ୍କର ଦାଶ ଏବଂ ଏସ୍.କେ. ଝା, କୁମାର ଜ୍ୟୋତି ରାୟଚୌଧୁରୀ, ଦୀପକ ନାୟକ ପ୍ରମୁଖ ସାମିଲ ଥିଲେ।


କାର୍ଯ୍ୟକ୍ରମରେ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲ ଏବଂ ଅନ୍ୟ ଅତିଥି।